ଅଧ୍ୟାୟ - II

ମୂଲ୍ୟଯୁକ୍ତ କର, ପ୍ରବେଶ କର ଏବଂ ଦ୍ରବ୍ୟ ଓ ସେବା କର ଇତ୍ୟାଦି

ଅଧ୍ୟାୟ II

ମୂଲ୍ୟଯୁକ୍ତ କର, ପ୍ରବେଶ କର ଏବଂ ଦ୍ରବ୍ୟ ଓ ସେବା କର ଇତ୍ୟାଦି

2.1 କର-ପରିଚାଳନା

ମୂଲ୍ୟଯୁକ୍ତ କର, ପ୍ରବେଶ କର, କେନ୍ଦ୍ରୀୟ ବିକ୍ରୟ କର, ବୃତ୍ତିକର, ପ୍ରମୋଦ କର ଏବଂ ଦ୍ରବ୍ୟ ଓ ସେବା କର (01 ଜୁଲାଇ 2017 ଠାରୁ ପ୍ରଚଳିତ) ଇତ୍ୟାଦିର କର ନିର୍ଦ୍ଧାରଣ ଏବଂ ଆଦାୟ କ୍ରମାନ୍ୱୟରେ ଓଡ଼ିଶା ମୂଲ୍ୟଯୁକ୍ତ କର (ଓଭାଟ୍) ଅଧିନିୟମ, 2004, ଓଡ଼ିଶା ପ୍ରବେଶ କର (ଓଇଟି) ଅଧିନିୟମ, 1999, କେନ୍ଦ୍ରୀୟ ବିକ୍ରୟ କର (ସିଏସ୍‌ଟି) ଅଧିନିୟମ, 1956, ବୃତ୍ତିଗତ କର (ପିଟି), ପ୍ରମୋଦ କର (ଇଟି) ଅଧିନିୟମ, 2006 ଏବଂ ଓଡ଼ିଶା ଦ୍ରବ୍ୟ ଓ ସେବା କର (ଓଜିଏସ୍‌ଟି) ଅଧିନିୟମ, 2017 ଏବଂ ତଦଧୀନ ପ୍ରଣୀତ ନିୟମାବଳୀ ଅନୁସାରେ ପରିଚାଳିତ ହୁଏ । ମୂଲ୍ୟଯୁକ୍ତ କର, ପ୍ରବେଶ କର ଏବଂ ଦ୍ରବ୍ୟ ଓ ସେବା କର ପ୍ରଶାସନ ପାଇଁ ସାଂଗଠନିକ ବ୍ୟବସ୍ଥା ନିମ୍ନମତେ ଅଟେ :



2.2 ଆଭ୍ୟନ୍ତରୀଣ ସମୀକ୍ଷା

ବିଭାଗରେ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗ (ଆଇଏଡବ୍ଲୁ) 2002-03 ଠାରୁ କାର୍ଯ୍ୟକ୍ଷମ ନଥିଲା । ପୂର୍ବ ବର୍ଷ ଗୁଡ଼ିକର ସମୀକ୍ଷା ରିପୋର୍ଟ (ରାଜସ୍ୱ ପ୍ରାପ୍ତି) ରେ ଏହା ଦର୍ଶାଯିବା ସତ୍ତ୍ୱେ ଆଇଏଡବ୍ଲୁକୁ ପୁନଃକାର୍ଯ୍ୟକ୍ଷମ କରିବାକୁ ବିଭାଗ ଦ୍ୱାରା କୌଣସି ପଦକ୍ଷେପ ନିଆଯାଇ ନଥିଲା । ବିଭାଗ ଦର୍ଶାଇଥିଲା (ଡିସେମ୍ବର 2020) ଯେ ଆଭ୍ୟନ୍ତରୀଣ ସମୀକ୍ଷା ଅଙ୍ଗକୁ ପୁନଃକାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ ନିଆଯାଇଅଛି ।

2.3 ସମୀକ୍ଷା ପଦ୍ଧତି ଏବଂ ସମୀକ୍ଷାର ପରିଣାମ

2019-20 ଅବଧିରେ ଅର୍ଥ ବିଭାଗର ବାଣିଜ୍ୟ କର ଶାଖାର ସମସ୍ତ 58 ୟୁନିଟ୍ ମଧ୍ୟରୁ 37 ଟି ୟୁନିଟ୍ (63.79 ପ୍ରତିଶତ) କୁ ସମୀକ୍ଷା କରାଯାଇଥିଲା । 37 ୟୁନିଟର ରାଜସ୍ୱ ଆଦାୟ 2018-19 ଅବଧିରେ 29,060.98 କୋଟି ଟଙ୍କା ଥିଲା । କର ନିର୍ଦ୍ଧାରଣ ଏବଂ ଅନ୍ୟାନ୍ୟ ନଥିପତ୍ରର ନମୁନା ସମୀକ୍ଷାରୁ ଜଣାଗଲା ଯେ 126 ଟି ମାମଲାରେ 68.14 କୋଟି ଟଙ୍କାର କର ଅବନିର୍ଦ୍ଧାରଣ ଏବଂ ଅନ୍ୟାନ୍ୟ ଅନିୟମିତତା ହୋଇଥିଲା । ସେଗୁଡ଼ିକ ଓଡ଼ିଶା ଦ୍ରବ୍ୟ ଏବଂ ସେବା କର (ଓଜିଏସ୍‌ଟି), ଓଡ଼ିଶା ମୂଲ୍ୟଯୁକ୍ତ କର (ଓଭାଟ୍), କେନ୍ଦ୍ରୀୟ ବିକ୍ରୟ କର (ସିଏସ୍‌ଟି), ଓଡ଼ିଶା ପ୍ରବେଶ କର (ଓଇଟି), ପ୍ରମୋଦ କର (ଇଟି) ଏବଂ ବୃତ୍ତିଗତ କର (ପିଟି) ସଂପର୍କିତ ଥିଲା ଯାହାକି **ସାରଣୀ 2.1** ରେ ଦର୍ଶାଗଲା ।

ସାରଣୀ – 2.1: ରାଜସ୍ୱ ଉପରେ ବର୍ଗ-ୱାରୀ ସମୀକ୍ଷା ସିଦ୍ଧାନ୍ତର ବିବରଣ

(ଟଙ୍କା କୋଟିରେ)

କ୍ର.ସଂ.	ବର୍ଗ	ମାମଲା ସଂଖ୍ୟା	ପରିମାଣ
ବିକ୍ରୟ କର/ ମୂଲ୍ୟଯୁକ୍ତ କର (ସିଏସ୍‌ଟିକୁ ମିଶାଇ)			
1	କରର ଅବନିର୍ଦ୍ଧାରଣ	35	26.11
2	ତ୍ରୁଟିପୂର୍ଣ୍ଣ ବୈଧାନିକ ଫର୍ମ	6	0.65
3	ବିକ୍ରି/ କ୍ରୟ ସଂଗୋପନ ହେତୁ କର ଫାଙ୍କି	1	0.21
4	ନିବେଶ କର ଜମାର ଅନିୟମିତ/ ଭୁଲ୍ / ମାତ୍ରାଧିକ ମଞ୍ଜୁରୀ	3	1.49
5	ଅନ୍ୟାନ୍ୟ ଅନିୟମିତତା[5]	20	21.46
	ମୋଟ	**65**	**49.92**
ପ୍ରବେଶ କର			
1	କରର ଅବନିର୍ଦ୍ଧାରଣ	6	14.09
2	ବିକ୍ରି/ କ୍ରୟ ସଂଗୋପନ ହେତୁ କର ଫାଙ୍କି	1	0.17
3	ଅନ୍ୟାନ୍ୟ ଅନିୟମିତତା[6]	18	2.39
	ମୋଟ	**25**	**16.65**
ଦ୍ରବ୍ୟ ଓ ସେବା କର			
1	ନିବେଶ କର ଜମାର ଅନିୟମିତ/ ଭୁଲ୍ / ମାତ୍ରାଧିକ ପ୍ରଦାନ	16	1.56
2	କରର ଅବନିର୍ଦ୍ଧାରଣ	2	0
3	ଅନ୍ୟାନ୍ୟ ଅନିୟମିତତା[7]	10	0
	ମୋଟ	**28**	**1.56**
ବୃତ୍ତି କର			
1	ଅନ୍ୟାନ୍ୟ ଅନିୟମିତତା[8]	8	0.01
	ମୋଟ	**8**	**0.01**
	ସର୍ବ ମୋଟ	**126**	**68.14**

ବର୍ଷ 2019-20 ଅବଧିରେ, ଅଡିଟ୍ ଦ୍ୱାରା ପୂର୍ବବର୍ଷ ଗୁଡ଼ିକରେ ଦର୍ଶାଯାଇଥିବା 70 ଟି ମାମଲାରେ 32.66 କୋଟି ଟଙ୍କାର ଅବନିର୍ଦ୍ଧାରଣ ବିଭାଗ ସ୍ୱୀକାର କରିଥିଲା ଏବଂ 70 ଟି ମାମଲାରେ 7.89 କୋଟି ଟଙ୍କା ମଧ୍ୟ ଅସୁଲ କରାଯାଇଥିଲା । ଅନ୍ୟାନ୍ୟ ମାମଲା ଗୁଡ଼ିକର ଅସୁଲ ସ୍ଥିତି ଏଯାବତ୍ ପ୍ରାପ୍ତ ହୋଇନାହିଁ ।

ବିକ୍ରିକର/ ମୂଲ୍ୟଯୁକ୍ତ କର ଏବଂ କେନ୍ଦ୍ରୀୟ ବିକ୍ରି କର ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକ ମୁଖ୍ୟତଃ ପାଞ୍ଚଟି ବର୍ଗରେ, ଦ୍ରବ୍ୟ ଓ ସେବା କର ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକ ତିନୋଟି ବର୍ଗରେ ଏବଂ ପ୍ରବେଶ କର ଦୁଇଟି ବର୍ଗରେ ଅନ୍ତର୍ଭୁକ୍ତ । ସେହି ପ୍ରକାରର ଅନିୟମିତତା, ତ୍ରୁଟିବିଚ୍ୟୁତି ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କରର ଅନ୍ୟ ୟୁନିଟ୍ ମାନଙ୍କରେ ଥାଇପାରେ କିନ୍ତୁ ସେଗୁଡ଼ିକ ନମୁନା ସମୀକ୍ଷାରେ ଅନ୍ତର୍ଭୁକ୍ତ ହୋଇପାରି ନାହିଁ ।

ଏଣୁ, ଅନ୍ୟାନ୍ୟ ୟୁନିଟ୍ ଗୁଡ଼ିକୁ ଅନ୍ତଃ ସମୀକ୍ଷା କରି ଯେପରି ଅଧିନିୟମ ଓ ନିୟମାବଳୀର ବ୍ୟବସ୍ଥା ଅନୁସାରେ ସଠିକ୍ ଆରୋପଣ ହୁଏ ସେଥିପାଇଁ ବିଭାଗ ପ୍ରଚେଷ୍ଟା କରି ପାରନ୍ତି ।

---

5 ଧାରା 34 ଅଧିନରେ ଦାବି ଜାରି କରାଯାଇଥିବା କରର ବିଳମ୍ବିତ ଜମା ପାଇଁ ବାଧ୍ୟତାମୂଳକ ଜୋରିମାନା ଅନାରୋପଣ, ଓଡ଼ିଶା ଭାଟ୍ ଅଧିନିୟମର ଧାରା 42 ଅଧିନରେ ବାଧ୍ୟତାମୂଳକ ଜୋରିମାନାର ସ୍ୱଳ୍ପାରୋପଣ / ରୋପଣ ନହେବା ଇତ୍ୟାଦି ।

6 ନିର୍ଦ୍ଧାରିତ କର ଉପରେ ବାଧ୍ୟତାମୂଳକ ଜୋରିମାନା (ଇଟି) ର ଅନାରୋପଣ/, ଅନୁସୂଚିତ ଦ୍ରବ୍ୟର ବିକ୍ରି ଉପରେ ପ୍ରବେଶ କରର ଅନାରୋପଣ ଇତ୍ୟାଦି ।

7 ମାର୍ଗପତ୍ର(ୱେ ବିଲ୍) ନେଣଦେଣ ଥିବା କିନ୍ତୁ ରିଟର୍ଣ୍ଣ ଦାଖଲ କରିନଥିବା କରଦାତାଙ୍କ ହିସାବ ଖାତାର ଯାଞ୍ଚ ନକରିବା, ବାତିଲ ବ୍ୟବସାୟୀଙ୍କର ନିବେଶ କର ଜମାର ଅସୁଲ ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ନକରିବା, ଅର୍ଥ ଫେରସ୍ତ ମାମଲା ଗୁଡ଼ିକୁ ନିକାସ କରିବାରେ ବିଳମ୍ବ ଇତ୍ୟାଦି ।

8 ବୃତ୍ତିଗତ କର ପୈଠରେ ବିଳମ୍ବ ପାଇଁ ସୁଧର ଅନାରୋପଣ, କର ନିର୍ଦ୍ଧାରଣ ଏବଂ ବୃତ୍ତିକର ଆଦାୟ ନକରିବା ଇତ୍ୟାଦି ।

2.4 ସମୀକ୍ଷା ସିଦ୍ଧାନ୍ତ

ରାଜ୍ୟର 27 ଟି ବାଣିଜ୍ୟ କର ମଣ୍ଡଳ[9] ଏବଂ ନଅଟି ବାଣିଜ୍ୟ କର ରେଞ୍ଜରେ[10] ଓଡ଼ିଶା ମୂଲ୍ୟଯୁକ୍ତ କର (ଓଡ଼ିଶା ଭାଟ୍), କେନ୍ଦ୍ରୀୟ ବିକ୍ରୟ କର (ସିଏସ୍‌ଟି) ଏବଂ ଓଡ଼ିଶା ପ୍ରବେଶ କର (ଓଇଟି) ସମ୍ବନ୍ଧୀୟ କର ନିର୍ଦ୍ଧାରଣ ନଥିପତ୍ର ଗୁଡ଼ିକର ନମୁନା ଯାଞ୍ଚ ସମୀକ୍ଷା ଦ୍ୱାରା କରାଯାଇଥିଲା । ଉପରୋକ୍ତ ଅଧିନିୟମ ଏବଂ ନିୟମର ପାଳନ କରାଯାଇ ନଥିବା ସମୀକ୍ଷା ଲକ୍ଷ୍ୟ କରିଥିଲା । ଅଧିକାଂଶ ମାମଲାରେ କର ଏବଂ ଜୋରିମାନାର ଅନାରୋପଣ/ ସ୍ୱଳ୍ପାରୋପଣ ହୋଇଥିବାର ସମୀକ୍ଷା ଲକ୍ଷ୍ୟ କରିଥିଲା ଯାହା ଏହି ଅଧ୍ୟାୟର ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ ଉଲ୍ଲେଖ କରାଯାଇଛି । ଏହି ମାମଲା ଗୁଡ଼ିକ ଦୃଷ୍ଟାନ୍ତମୂଳକ ଏବଂ ସମୀକ୍ଷା ଦ୍ୱାରା କରାଯାଇଥିବା ନମୂନା ଯାଞ୍ଚ ଉପରେ ଆଧାରିତ । ସମୀକ୍ଷା ପ୍ରତି ବର୍ଷ ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ସମାନ ତ୍ରୁଟିଗୁଡ଼ିକୁ ଦର୍ଶାଇଥାଏ । କିନ୍ତୁ, ଉକ୍ତ ଅନିୟମିତତା ପରବର୍ତ୍ତୀ ସମୀକ୍ଷା ପର୍ଯ୍ୟନ୍ତ ଲାଗି ରହିଥାଏ ଏବଂ ଅନୁସନ୍ଧାନ କରାଯାଇ ନଥାଏ । ଏହା ସୂଚାଇଲା ଯେ ବିଭାଗର ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପଦ୍ଧତି ଅପ୍ରଭାବୀ ଓ ଦୁର୍ବଳ ଥିଲା । ଏହିସବୁ ଅନିୟମିତତାକୁ ଏଡ଼ାଇବା ପାଇଁ ସରକାର, ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପଦ୍ଧତିକୁ ସୁଦୃଢ଼ କରିବା ଆବଶ୍ୟକ ।

ଓଡ଼ିଶା ମୂଲ୍ୟଯୁକ୍ତ କର

2.5 ଅଧିନିୟମ/ ନିୟମାବଳୀର ବ୍ୟବସ୍ଥା ତଥା ସରକାରୀ ଅଧିସୂଚନା ଗୁଡ଼ିକର ଅନୁପାଳନ ନହେବା

ଓଡ଼ିଶା ମୂଲ୍ୟଯୁକ୍ତ କର ଅଧିନିୟମ (ଓଭାଟ୍), 2004 ଓ ତଦଧିନ ପ୍ରଣୀତ ଓଡ଼ିଶା ମୂଲ୍ୟଯୁକ୍ତ କର ନିୟମାବଳୀ 2005 ଓଡ଼ିଶା ପ୍ରବେଶ କର ଅଧିନିୟମ 1999, କେନ୍ଦ୍ରୀୟ ବିକ୍ରୟ କର ଅଧିନିୟମ, 1956 ଏବଂ କେନ୍ଦ୍ରୀୟ ବିକ୍ରୟ କର ନିୟମାବଳୀ, 1957 ରେ ବ୍ୟବସ୍ଥା ଅଛି ଯେ :

- *ସମୀକ୍ଷା ପରିଦର୍ଶନ ରିପୋର୍ଟ (ଏଭିଆର) ଆଧାରରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମୀକ୍ଷା ନିର୍ଦ୍ଧାରଣ ଚୂଡ଼ାନ୍ତ କରାଯିବ ;*
- *ଗ୍ରହଣୀୟ ନିବେଶ କର ଜମା (ଆଇଟିସି)ର ସମାୟୋଜନପୂର୍ବକ ଉତ୍ପାଦିତ ଦ୍ରବ୍ୟର କରଯୋଗ୍ୟ କାରବାରର ସଠିକ୍ ନିର୍ଦ୍ଧାରଣ କରି କର ଧାର୍ଯ୍ୟ କରାଯିବ ;*
- *ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମୀକ୍ଷା ନିର୍ଦ୍ଧାରଣ ସମୟରେ ନିର୍ଦ୍ଧାରିତ କର ସହ ନିର୍ଦ୍ଧାରିତ ହାରରେ ଜୋରିମାନା ଆରୋପଣ କରାଯିବ ;*
- *ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସାରେ କର/ ସୁଧ/ ଜୋରିମାନା ଆରୋପଣ ଏବଂ ଆଦାୟ କରାଯିବ ଏବଂ*
- *ନିର୍ଦ୍ଧାରିତ ତାରିଖ ମଧ୍ୟରେ ପ୍ରାମାଣିକ ବାଣିଜ୍ୟ ସମୀକ୍ଷିତ ହିସାବ (ସିଏଏ) ଉପସ୍ଥାପନ ନ ହେଲେ ଜୋରିମାନା ଧାର୍ଯ୍ୟ କରାଯିବ ।*

ବ୍ୟବସାୟୀମାନଙ୍କର କର ନିର୍ଦ୍ଧାରଣ ଚୂଡ଼ାନ୍ତ କରିବା ସମୟରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଉପରୋକ୍ତ କେତେକ ବ୍ୟବସ୍ଥା ଗୁଡ଼ିକର ଅନୁପାଳନ କରିନଥିଲେ, ଯାହା ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ ଦର୍ଶାଗଲା :

2.5.1 ନିମ୍ନତର କର ବସାଣ ଯୋଗୁଁ କରର ସ୍ୱଳ୍ପାଦାୟ

ଓଡ଼ିଶା ଭାଟ୍ ଅଧିନିୟମ ଅଧିନରେ ଅନିର୍ଦ୍ଦିଷ୍ଟ ଦ୍ରବ୍ୟର ଟିକସ ହାର ନିର୍ଦ୍ଧାରଣ ସମୟରେ ନିମ୍ନତର କର ବସାଣ ଯୋଗୁଁ 1.63 କୋଟି ଟଙ୍କାର କର ସ୍ୱଳ୍ପାଦାୟ ହେବା ସହ 3.26 କୋଟି ଟଙ୍କାର ଜୋରିମାନା ଆଦାୟ ହୋଇ ନଥିଲା ।

ସିଏସ୍‌ଟି ଅଧିନିୟମ, 1956 ର ଧାରା 8(2) ଅନୁସାରେ ଉପଧାରା (1) ଅଧିନରେ ଆସୁ ନଥିବା, କୌଣସି ଡିଲରଙ୍କ ଆନ୍ତଃରାଜ୍ୟ ବିକ୍ରି କାରବାର ଉପରେ କର, ଉକ୍ତ ରାଜ୍ୟରେ ପ୍ରଯୁଜ୍ୟ, ରାଜ୍ୟ ହିତରେ ଏହିପରି ଦ୍ରବ୍ୟର

---

9 27 ମଣ୍ଡଳରେ – କେନ୍ଦୁଝର, କେନ୍ଦ୍ରାପଡ଼ା, ଯାଜପୁର, ଫୁଲବାଣୀ, ଜଟଣୀ, ଅନୁଗୁଳ, ଭୁବନେଶ୍ୱର-I, II ଏବଂ III, ବାଲେଶ୍ୱର, ବରଗଡ଼, ବଲାଙ୍ଗୀର, କୋରାପୁଟ, ବଡ଼ବିଲ, କଟକ-I (ପଶ୍ଚିମ) ଏବଂ (ସହର), କଟକ-II, ରାଉରକେଲା-I ଏବଂ II, ଜଗତସିଂହପୁର, ଗଞ୍ଜାମ-I ଏବଂ II, ଝାରସୁଗୁଡ଼ା, ପୁରୀ, ସମ୍ବଲପୁର-I, କଣ୍ଟାବାଞ୍ଜି ଏବଂ କଳାହାଣ୍ଡି କେନ୍ଦ୍ର

10 09 ରେଞ୍ଜରେ- ଯାଜପୁର, ଅନୁଗୁଳ, ପୁରୀ, ଭୁବନେଶ୍ୱର, କଟକ-I ଏବଂ II, ବଲାଙ୍ଗୀର, କୋରାପୁଟ ଏବଂ ସମ୍ବଲପୁର

କ୍ରୟ କିମ୍ବା ବିକ୍ରୟ ପାଇଁ ପ୍ରଯୁଜ୍ୟ ହାରରେ ପ୍ରଦାନ କରାଯିବ । ପୁନଶ୍ଚ, ସିଏସ୍‌ଟି(ଓ) ନିୟମାବଳୀ, 1957 ର ନିୟମ 12(3)(ଜି) ଅନୁସାରେ ଆଇନର କୌଣସି ଧାରା ଅନୁଯାୟୀ ଆଦାୟ ହେବାକୁ ଥିବା ଜୋରିମାନା କିମ୍ବା ସୁଧକୁ ପକ୍ଷପାତ ନକରି, ଧାରା (e) କିମ୍ବା (f) ଅନୁଯାୟୀ ନିର୍ଦ୍ଧାରିତ କର ପରିମାଣର ଦୁଇ ଗୁଣ, ଉକ୍ତ ଧାରା ଅନୁସାରେ ସମାପ୍ତ ହୋଇଥିବା ଯେକୌଣସି ନିର୍ଦ୍ଧାରଣ ଉପରେ ଲାଗୁ କରାଯିବ ।

ସିଏସ୍‌ଟି ନିର୍ଦ୍ଧାରଣ ନଥି ଗୁଡ଼ିକୁ ଯାଞ୍ଚ କରି ସମୀକ୍ଷା ଲକ୍ଷ୍ୟ କଲା ଯେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ (ଏଏ) ଗଞ୍ଜାମ-II ମଣ୍ଡଳର ଏକ ଡିଲରଙ୍କ[11] ଅପ୍ରେଲ 2012 ରୁ ମାର୍ଚ୍ଚ 2014 ଅବଧିର କର କୁ ଧାରା 12(3) ଅଧିନରେ ନିର୍ଦ୍ଧାରଣ (ଡିସେମ୍ବର 2015) କରିଥିଲେ । ଉପରୋକ୍ତ ଡିଲର କ୍ଲୋରିନେଟେଡ୍ ପାରାଫିନ୍ ୱାକ୍ସ (ସିପିଡବ୍ଲୁ) ଏବଂ ହାଇଡ୍ରୋକ୍ଲୋରିକ୍ ଏସିଡ୍(ଏଚ୍‌ସିଏଲ୍) ଉତ୍ପାଦନ କରୁଥିଲେ । ସେ ଓଡ଼ିଶା ରାଜ୍ୟ ବାହାରୁ ତଥା ଭାରତ ବାହାରୁ କ୍ରୟ କରୁଥିଲେ ଏବଂ ଓଡ଼ିଶା ରାଜ୍ୟ ଭିତରେ ତଥା ବାହାରେ ବିକ୍ରୟ କରୁଥିଲେ । ନିର୍ଦ୍ଧାରଣ ସମୟରେ, ନିର୍ଦ୍ଧାରଣ କର୍ତ୍ତୃପକ୍ଷ, ମୋଟ କାରବାର 56.78 କୋଟି[12] ଟଙ୍କା ସ୍ଥିର କରିଥିଲେ ଏବଂ 'ଏଫ୍' ଫର୍ମ, ରପ୍ତାନୀ ଦସ୍ତାବିଜ ଏବଂ ସିଏସ୍‌ଟି ସଂଗ୍ରହ ବାବଦରେ 21.75 କୋଟି[13] ଟଙ୍କାର କର ରିଆତିକୁ ଅନୁମତି ଦେଇ କର ଯୋଗ୍ୟ କାରବାରକୁ 35.03 କୋଟି[14] ଟଙ୍କା ସ୍ଥିର କରିଥିଲେ ।

କିନ୍ତୁ, ବିଧିଗତ ଫର୍ମ ପ୍ରଦାନ କରି ନ ପାରିବାରୁ, 19.20 କୋଟି[15] ଟଙ୍କା ମୂଲ୍ୟର ବିକ୍ରୟ ଉପରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ କର ଛାଡ଼ ଅନୁମତି ଦେଇନଥିଲେ ଏବଂ ଓଭାଟ୍ ଅଧିନିୟମର ଅନୁସୂଚୀ ବି (ଭାଗ-II) ଅନୁଯାୟୀ ପାଞ୍ଚ ପ୍ରତିଶତ ହାରରେ ସେହି ବିକ୍ରୟ ଉପରେ 96 ଲକ୍ଷ ଟଙ୍କାର କର ଏବଂ 1.09 କୋଟି ଟଙ୍କାର ଜୋରିମାନା ଲାଗୁ କରିଥିଲେ ।

ସମୀକ୍ଷା ଜାଣିବାକୁ ପାଇଲା ଯେ କ୍ଲୋରିନେଟେଡ୍ ପାରାଫିନ୍ ୱାକ୍ସ (ସିପିଡବ୍ଲୁ) ଏକ ଅବିଷାକ୍ତ, ଅଣ-ପ୍ରବାହଜନକ, ନିମ୍ନ ଅସ୍ଥିରତା ଏବଂ ବିଭିନ୍ନ ଶିଳ୍ପରେ ଏକାଧିକ ପ୍ରୟୋଗରେ ବ୍ୟବହୃତ ଉଚ୍ଚ ଇନସୁଲେଟିଭ୍ ଜଟିଳ ରାସାୟନିକ ପଦାର୍ଥ । ସେହିପରି, ହାଇଡ୍ରୋକ୍ଲୋରିକ୍ ଏସିଡ୍ (ଏଚ୍‌ସିଏଲ୍) ମଧ୍ଯ ଏକ ଗୁରୁତ୍ୱପୂର୍ଣ୍ଣ ଲାବୋରେଟୋରୀ ରିଏଜେଣ୍ଟ ଏବଂ ଶିଳ୍ପ କେମିକାଲ । ଏଗୁଡ଼ିକର ବ୍ୟବହାର ଅନୁଯାୟୀ, ସିପିଡବ୍ଲୁ ଏବଂ ଏଚ୍‌ସିଏଲ୍ କେମିକାଲ ବ୍ୟତୀତ ଆଉ କିଛି ନୁହଁନ୍ତି ଏବଂ ଓଭାଟ୍ ଅଧିନିୟମର ଅନୁସୂଚୀ-ବି (ଭାଗ-III) ଅନୁଯାୟୀ ଅନୁମୋଦିତ ହୋଇନଥିବା 19.20 କୋଟି ଟଙ୍କା ମୂଲ୍ୟର ବିକ୍ରୟ ପରିମାଣ ଉପରେ 13.5 ପ୍ରତିଶତ ହାରରେ 2.59 କୋଟି[16] ଟଙ୍କାର କର ଦେବାର ଥିଲା ।

ତେଣୁ, ଓଡ଼ିଶା ଭାଟ୍ ଅଧିନିୟମ ଅଧିନରେ ଉପରୋକ୍ତ ଅନିର୍ଦ୍ଦିଷ୍ଟ ଦ୍ରବ୍ୟର ଠିକସ ହାର ନିର୍ଦ୍ଧାରଣ ସମୟରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିମ୍ନତର ହାରରେ କର ବସାଣ ଯୋଗୁଁ 1.63 କୋଟି ଟଙ୍କାର କର ସ୍ୱଳ୍ପାଦାୟ ହେଲା । ଏତଦ୍ ବ୍ୟତୀତ ଉକ୍ତ ଡିଲର କରର ଦୁଇ ଗୁଣା ଅର୍ଥାତ୍ 3.26 କୋଟି ଟଙ୍କା ଜୋରିମାନା ଆକାରରେ ଦେବାର ଥିଲା।

ସିଟି ଓ ଜିଏସ୍‌ଟିର ଉପକମିଶନର କୌଣସି ନିର୍ଦ୍ଦିଷ୍ଟ ଅନୁପାଳନ ପ୍ରଦାନ କରିନଥିଲେ (ଜାନୁଆରୀ 2020) । ଏହି ବିଷୟରେ ସରକାରଙ୍କୁ ଅବଗତ କରାଯାଇଥିଲା (ଜୁଲାଇ 2021) । ସେମାନଙ୍କ ଉତ୍ତରକୁ ଅପେକ୍ଷା କରାଯାଇଅଛି (ସେପ୍ଟେମ୍ବର 2021) ।

---

11 ମେସର୍ସ ୟୁନାଇଟେଡ୍ କ୍ଲୋରୋ ପାରାଫିନ୍ସ୍ (ପ୍ରା) ଲିମିଟେଡ୍, ଟିନ୍-21261908767

12 ସିଏସ୍‌ଟି ବିକ୍ରି - 17.26 କୋଟି ଟଙ୍କା + 'ସି' ଫର୍ମ ସର୍ତ୍ତ ବିନା ସିଏସ୍‌ଟି ବିକ୍ରି- 1 ଲକ୍ଷ ଟଙ୍କା + ଶାଖା ସ୍ଥାନାନ୍ତରଣ - 17.69 କୋଟି ଟଙ୍କା + ରପ୍ତାନୀ - 21.47 କୋଟି ଟଙ୍କା + ସିଏସ୍‌ଟି ସଂଗ୍ରହ - 35 ଲକ୍ଷ ଟଙ୍କା

13 'ଏଫ୍' ଫର୍ମ ପ୍ରଦାନ- 10.83 କୋଟି ଟଙ୍କା + ରପ୍ତାନୀ ଦସ୍ତାବିଜ - 10.57 କୋଟି ଟଙ୍କା + ସିଏସ୍‌ଟି ସଂଗ୍ରହ - 35 ଲକ୍ଷ ଟଙ୍କା

14 ସିଏସ୍‌ଟି ବିକ୍ରି - 17.26 କୋଟି ଟଙ୍କା + 'ସି' ଫର୍ମ ସର୍ତ୍ତ ବିନା ସିଏସ୍‌ଟି ବିକ୍ରି- 1 ଲକ୍ଷ ଟଙ୍କା + 'ଏଫ୍' ଫର୍ମ ପ୍ରଦାନ କରାନଯିବା - 6.86 କୋଟି ଟଙ୍କା + ସମର୍ଥିତ ଦସ୍ତାବିଜ ବିନା ରପ୍ତାନୀ ବିକ୍ରି - 10.90 କୋଟି ଟଙ୍କା

15 ରପ୍ତାନୀ - 10.90 କୋଟି ଟଙ୍କା (2012-13 ପାଇଁ 6.69 କୋଟି ଟଙ୍କା ଏବଂ 2013-14 ପାଇଁ 4.21 କୋଟି ଟଙ୍କା) + ଶାଖା ସ୍ଥାନାନ୍ତରଣ - 6.86 କୋଟି ଟଙ୍କା (2012-13 ପାଇଁ 63 ଲକ୍ଷ ଟଙ୍କା ଏବଂ 2013-14 ପାଇଁ 6.23 କୋଟି ଟଙ୍କା) + ସିଏସ୍‌ଟି ବିକ୍ରି - 1.44 କୋଟି ଟଙ୍କା (2012-13 ପାଇଁ 49 ଲକ୍ଷ ଟଙ୍କା ଏବଂ 2013-14 ପାଇଁ 95 ଲକ୍ଷ ଟଙ୍କା)

16 (19.20 କୋଟି ଟଙ୍କା x 13.5) / 100 = 2.59 କୋଟି ଟଙ୍କା

2.5.2 କ୍ରେଡିଟ୍ ନୋଟ୍ ଗୁଡ଼ିକର ଅନିୟମିତ ସ୍ୱୀକୃତି ଯୋଗୁଁ କର ଏବଂ ଜୋରିମାନା ସ୍ୱଳ୍ପାଦାୟ

ବ୍ୟକ୍ତିଗତ ଗ୍ରାହକଙ୍କୁ ଜାରି କରାଯାଇଥିବା କ୍ରେଡିଟ୍ ନୋଟ ଗୁଡ଼ିକୁ ଅନିୟମିତ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଥିଲା, ଯାହାଫଳରେ 1.35 କୋଟି ଟଙ୍କାର କର ଓ ଜୋରିମାନା ସ୍ୱଳ୍ପାଦାୟ ହୋଇଥିଲା ।

ଓଡ଼ିଶା ଭାଟ୍ ଅଧିନିୟମର ଧାରା 23 ର ଉପଧାରା 1 ଅନୁଯାୟୀ ଯେତେବେଳେ କୌଣସି ବିକ୍ରି ପାଇଁ କର ଇନଭଏସ୍ ଜାରି କରାଯାଇଥିବ ଏବଂ ସେଥିରେ ଦର୍ଶାଯାଇଥିବା କର ଯଦି ଏହି ଅଧିନିୟମ ଅନୁସାରେ ଧାର୍ଯ୍ୟ କର ଠାରୁ ଅଧିକ ଥିବା ଲକ୍ଷ୍ୟ କରାଯାଏ, ତେବେ ପଞ୍ଜୀକୃତ ଡିଲର ଉକ୍ତ ବିଷୟରେ ନିର୍ଦ୍ଧାରିତ ଅନୁସାରେ ଉଲ୍ଲେଖ କରି କ୍ରେତାଙ୍କୁ ଏକ କ୍ରେଡିଟ୍ ନୋଟ ଜାରି କରିବେ । ପୁନଶ୍ଚ ଧାରା 42 (A) (6) ଅନୁଯାୟୀ ଓଡ଼ିଶା ଭାଟ୍ ଅଧିନିୟମର କୌଣସି ଧାରା ଅନୁସାରେ ଆଦାୟ ହେବାକୁ ଥିବା ଜୋରିମାନା କିମ୍ବା ସୁଧକୁ ପକ୍ଷପାତ ନ କରି ଉପରୋକ୍ତ ଉପଧାରା ଅନୁସାରେ ସମାପ୍ତ ହୋଇଥିବା ନିର୍ଦ୍ଧାରଣ ଉପରେ ଉପଧାରା 4 କିମ୍ବା 5 ଅଧିନରେ ହିସାବ କରାଯାଇଥିବା କରର 25 ପ୍ରତିଶତ ଜୋରିମାନା ଆକାରରେ ପ୍ରଦାନ କରାଯିବ । ଓଡ଼ିଶା ଭାଟ୍ ନିୟମାବଳୀ, 2005 ର ନିୟମ 68 ଓ 71 ଅନୁଯାୟୀ ଏକ କର ଇନଭଏସରେ ଉଭୟ କ୍ରେତା ଏବଂ ବିକ୍ରେତାଙ୍କ ଟ୍ୟାକ୍ସ ଆଇଡେଣ୍ଟିଫିକେସନ ନମ୍ବର (ଟିନ୍) ଦର୍ଶାଯାଇଥାଏ ଏବଂ ରିଟେଲ୍ ଇନଭଏସରେ କେବଳ ବିକ୍ରେତାଙ୍କ ଟିନ୍ ନମ୍ବର ଦର୍ଶାଯାଇଥାଏ । ଯେତେବେଳେ ଦ୍ରବ୍ୟକୁ 'ପୁନଃ ବିକ୍ରି' ଉଦ୍ଦେଶ୍ୟରେ ବିକ୍ରି କରାଯାଏ, ସେଠାରେ କର ଇନଭଏସ୍ ଜାରି କରାଯାଏ ଏବଂ ଶେଷ ଗ୍ରାହକଙ୍କୁ ବିକ୍ରି କରାଯିବା ସମୟରେ ରିଟେଲ୍ ଇନଭଏସ୍ ଜାରି କରାଯାଇଥାଏ ।

ଓଡ଼ିଶା ଭାଟ୍ ନିର୍ଦ୍ଧାରଣ ନଥିପତ୍ର ଯାଞ୍ଚ କରି ସମୀକ୍ଷା ଲକ୍ଷ୍ୟ କଲା ଯେ କେଉଁଝର ମଣ୍ଡଳର ଏକ ଡିଲରଙ୍କ[17] 01 ଅକ୍ଟୋବର 2015 ରୁ 31 ମାର୍ଚ୍ଚ 2016 (27 ଜୁଲାଇ 2018) ଏବଂ 01 ଅପ୍ରେଲ 2016 ରୁ 30 ଜୁନ୍ 2017 (9 ଅଗଷ୍ଟ 2018) ଅବଧିର କରକୁ ଧାରା 42(ଏ) ଅଧିନରେ ନିର୍ଦ୍ଧାରଣ କରାଯାଇଥିଲା । ନିର୍ଦ୍ଧାରଣ କର୍ତ୍ତୃପକ୍ଷ (ଏଏ) ଉକ୍ତ ଡିଲରଙ୍କ ମୋଟ କାରବାର 576.02 କୋଟି[18] ଟଙ୍କା ହୋଇଥିବା ସ୍ଥିର କରିଥିଲେ ଏବଂ 81.52 କୋଟି[19] ଟଙ୍କାର ଆଉଟ୍ ପୁଟ୍ କର ନିର୍ଦ୍ଧାରଣ କରିଥିଲେ । ନିର୍ଦ୍ଧାରଣ କର୍ତ୍ତୃପକ୍ଷ ନିର୍ଦ୍ଧାରିତ ଆଉଟ୍ ପୁଟ୍ କରରୁ କ୍ରେଡିଟ୍ ନୋଟ୍ ଜରିଆରେ 1.08 କୋଟି[20] ଟଙ୍କାର ରିଆତିକୁ ଅନୁମତି ଦେଇଥିଲେ ।

ଡିଲରଙ୍କ ଦ୍ୱାରା ଉପସ୍ଥାପିତ କ୍ରେଡିଟ୍ ନୋଟ୍ ଏବଂ ବିବରଣ ଯାଞ୍ଚରୁ ସମୀକ୍ଷା ଲକ୍ଷ୍ୟ କଲା ଯେ ଓଡ଼ିଶା ଭାଟ୍ ଅଧିନରେ ଆବଶ୍ୟକ ମୁତାବକ ପଞ୍ଜୀକୃତ ଓଡ଼ିଶା ଭାଟ୍ ଡିଲରଙ୍କୁ ଜାରି କରାଯିବା ପରିବର୍ତ୍ତେ ସେହି କ୍ରେଡିଟ୍ ନୋଟ ଗୁଡ଼ିକ ବ୍ୟକ୍ତିଗତ ଗ୍ରାହକ/ କ୍ରେତାଙ୍କୁ ଜାରି କରାଯାଇଥିଲା । ଯେହେତୁ ବ୍ୟକ୍ତିଗତ ଗ୍ରାହକଙ୍କୁ କର ଇନଭଏସ୍ ଜାରି ନ କରି ରିଟେଲ ଇନ୍ଭଏସ୍ ଜାରି କରାଯାଇଥିଲା, ଆଉଟ୍ ପୁଟ୍ କରରୁ ଏହି ବ୍ୟକ୍ତିଗତ ଗ୍ରାହକଙ୍କୁ ଜାରି କରାଯାଇଥିବା କ୍ରେଡିଟ୍ ନୋଟ୍ ଜରିଆରେ ପ୍ରଦାନ କରାଯାଇଥିବା ରିଆତି ଅନିୟମିତ ଥିଲା । ତେଣୁ, ବ୍ୟକ୍ତିଗତ ଗ୍ରାହକଙ୍କୁ ଜାରି କରାଯାଇଥିବା କ୍ରେଡିଟ୍ ନୋଟ ଜରିଆରେ ଆଉଟ୍ ପୁଟ୍ କର ରିଆତିକୁ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ସମ୍ମତି ପ୍ରଦାନ କରିବା ଫଳରେ ନିର୍ଦ୍ଧାରିତ ହୋଇଥିବା ଅବଧିରେ 1.35 କୋଟି[21] ଟଙ୍କାର କର ଏବଂ ଜୋରିମାନା ସ୍ୱଳ୍ପାଦାୟ ହୋଇଥିଲା ।

ସରକାର ଉତ୍ତରରେ ଦର୍ଶାଇଲେ (ସେପ୍ଟେମ୍ବର 2020) ଯେ ବ୍ୟକ୍ତିଗତ ଗ୍ରାହକଙ୍କୁ ଜାରି କରାଯାଇଥିବା କ୍ରେଡିଟ୍ ନୋଟ୍ ଜରିଆରେ ଆଉଟ୍ ପୁଟ୍ କର ହିସାବ ନ୍ୟାୟ ସଙ୍ଗତ ନଥିଲା ଏବଂ ଅନୁପଯୁକ୍ତ ଥିଲା । ଓଡ଼ିଶା ଭାଟ୍‌ର ଧାରା

17 ମେସର୍ସ ସାମଲ ଅଟୋ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍, ଟିନ୍ 21961404758

18 01.10.2015 ରୁ 31.03.2016 ଅବଧିରେ 167,93,25,796 ଟଙ୍କା + 01.04.2016 ରୁ 30.06.2017 ଅବଧିରେ 408,08,67,141 ଟଙ୍କା

19 01.04.2016 ରୁ 30.06.2017 ଅବଧିରେ 58,65,24,748 ଟଙ୍କା + 01.10.2015 ରୁ 31.03.2016 ଅବଧିରେ 22,86,53,259 ଟଙ୍କା

20 01.10.2015 ରୁ 31.03.2016 କର ଅବଧି ପାଇଁ 56,06,355 ଟଙ୍କା ଏବଂ 01.04.2016 ରୁ 30.06.2017 କର ଅବଧି ପାଇଁ 52,00,987 ଟଙ୍କା

21 1,08,07,342 ଟଙ୍କା (56,06,355 + 52,00,987) + ଜୋରିମାନା 25 ପ୍ରତିଶତ (27,01,836)

43 ଅନୁଯାୟୀ ପୁନଃ ନିର୍ଦ୍ଧାରଣ କରାଯାଇଅଛି ଏବଂ 1.08 କୋଟି ଟଙ୍କାର ଜୋରିମାନା ଅନ୍ତର୍ଭୁକ୍ତ କରି 2.16 କୋଟି ଟଙ୍କାର ଦାବି ଜାରି କରାଯାଇଅଛି (ଅଗଷ୍ଟ 2020)।

2.5.3 ଅନ୍ତଃରାଜ୍ୟ ବିକ୍ରୟ ପରିବର୍ତ୍ତେ ଆନ୍ତଃରାଜ୍ୟ ବିକ୍ରୟ ଭାବରେ ବିକ୍ରୟର ଭୁଲ୍ ବିଚାର ହେତୁ କରର ସ୍ୱଳ୍ପାଦାୟ

ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଭୁଲ ଭାବରେ ଓଡ଼ିଶା ରାଜ୍ୟ ସି ଫର୍ମକୁ ଆନ୍ତଃ ରାଜ୍ୟ ବିକ୍ରୟ ଭାବରେ ବିବେଚନା କରିଥିଲେ ଏବଂ କେନ୍ଦ୍ରୀୟ ବିକ୍ରୟ କର ଅଧିନିୟମ ଅନୁଯାୟୀ ରିହାତି ମୂଲ୍ୟରେ କର ଆଦାୟ କରିଥିଲେ ଯାହାଫଳରେ 1.26 କୋଟି ଟଙ୍କାର କର ସ୍ୱଳ୍ପାଦାୟ ହୋଇଥିଲା।

କେନ୍ଦ୍ରୀୟ ବିକ୍ରୟ କର (ସିଏସ୍‌ଟି) ଅଧିନିୟମ, 1956 ର ଧାରା 3 ଅନୁଯାୟୀ, ସମୟ ସମୟରେ ସଂଶୋଧିତ ହୋଇ ବିକ୍ରି କିମ୍ବା କର (କ) ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ସାମଗ୍ରୀର ସ୍ଥାନାନ୍ତରଣ କିମ୍ବା (ଖ) ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ସାମଗ୍ରୀର ସ୍ଥାନାନ୍ତରଣ ସମୟରେ ଟାଇଟଲ୍ ଦସ୍ତାବିଜ୍ ସ୍ଥାନାନ୍ତରଣ ଦ୍ୱାରା ପ୍ରଭାବିତ ହୁଏ, ତେବେ ଉକ୍ତ ବିକ୍ରି କିମ୍ବା କ୍ରୟକୁ ଆନ୍ତଃରାଜ୍ୟ ଭାବରେ ବିବେଚନା କରାଯିବ। ସିଏସ୍‌ଟିର ଅଧିନିୟମର ଧାରା 8(4) ତଥା ସିଏସ୍‌ଟି (ପଞ୍ଜୀକରଣ ଏବଂ କାରବାର) ନିୟମାବଳୀ, 1957 ର ନିୟମ 12 (1) ଅନୁସାରେ ସିଏସ୍‌ଟି ନିୟମାବଳୀ ଅଧିନରେ କର ରିହାତି ହାର ଦାବି କରିବା ପାଇଁ, ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷଙ୍କ ଠାରୁ ନିର୍ଦ୍ଧାରିତ ସୂଚନା ଥାଇ, ବାହ୍ୟ ରାଜ୍ୟର ପଞ୍ଜୀକୃତ ଡିଲର ଯାହାଙ୍କୁ ଦ୍ରବ୍ୟ ବିକ୍ରି କରାଯାଇଥାଏ, ନିର୍ଦ୍ଧାରିତ ଅନୁସାରେ ପୂରଣ ଏବଂ ଦସ୍ତଖତ କରିଥିବା ଫର୍ମ ସି କୁ ବିକ୍ରୟ କରୁଥିବା ଡିଲର ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବେ।

ସିଏସ୍‌ଟି ଅଧିନିୟମ, 1956 ର ଧାରା 8(2) ଅନୁସାରେ ଯେକୌଣସି ଡିଲର ତାଙ୍କ କାରବାର ଉପରେ ବର୍ଷ 2008 ଠାରୁ ରାଜ୍ୟ ମଧ୍ୟରେ ଏହିପରି ଦ୍ରବ୍ୟ ବିକ୍ରୟ କିମ୍ବା କ୍ରୟ ପାଇଁ ପ୍ରଯୁଜ୍ୟ ହାରରେ କର ପ୍ରଦାନ କରିବେ। ଓଡ଼ିଶା ମୂଲ୍ୟଯୁକ୍ତ କର (ଓଭାଟ୍) ଅଧିନିୟମର ଅଧିସୂଚୀ-ବି (ଭାଗ-II) ର ଏଣ୍ଟ୍ରି ସଂଖ୍ୟା 68 ଅନୁସାରେ 'ସ୍ପଞ୍ଜ ଆଇରନ୍' ଉପରେ ପାଞ୍ଚ ପ୍ରତିଶତ ହାରରେ କର ପ୍ରଦାନ କରାଯିବ।

ସିଏସ୍‌ଟି ନିର୍ଦ୍ଧାରଣ ନଥିପତ୍ର ଯାଞ୍ଚ କରି ସମୀକ୍ଷା ଲକ୍ଷ୍ୟ କଲା ଯେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ, ରାଉରକେଲା-II ମଣ୍ଡଳରେ ସ୍ପଞ୍ଜ ଆଇରନ୍ ଉତ୍ପାଦନ ଓ ବିକ୍ରି କରୁଥିବା ଦୁଇ ଜଣ ଡିଲରଙ୍କୁ ସେପ୍ଟେମ୍ବର 2018 ରେ ନିର୍ଦ୍ଧାରଣ କରିଥିଲେ। ଏହି ଦୁଇ ଡିଲରଙ୍କ[22] ସିଏସ୍‌ଟି ବିକ୍ରୟକୁ ନିର୍ଦ୍ଧାରଣ କର୍ତ୍ତୃପକ୍ଷ 409.46 କୋଟି[23] ଟଙ୍କା ସ୍ଥିର କରିଥିଲେ ଏବଂ ଦୁଇ ଡିଲର ସେମାନଙ୍କ ସିଏସ୍‌ଟି ବିକ୍ରୟ ଉପରେ, ସିଏସ୍‌ଟିକୁ ଅନ୍ତର୍ଭୁକ୍ତ କରି ପ୍ରଦାନ କରିଥିବା 414.28 କୋଟି[24] ଟଙ୍କାର ସି ଫର୍ମକୁ ଗ୍ରହଣ କରିଥିଲେ। ଏହି ସି ଫର୍ମ ଗୁଡ଼ିକୁ ଆଧାର କରି, ନିର୍ଦ୍ଧାରଣ କର୍ତ୍ତୃପକ୍ଷ ସିଏସ୍‌ଟି ଅଧିନିୟମ ଅନୁଯାୟୀ 409.46 କୋଟି ଟଙ୍କା ମୂଲ୍ୟର ସିଏସ୍‌ଟି ବିକ୍ରୟ ଉପରେ ରିଆତି ମୂଲ୍ୟରେ ଦୁଇ ପ୍ରତିଶତ ହାରରେ କର ନିର୍ଦ୍ଧାରଣ କରିଥିଲେ ଏବଂ 8.19 କୋଟି ଟଙ୍କାର କର ଲାଗୁ କରିଥିଲେ।

ଡିଲରଙ୍କ ଦ୍ୱାରା ପ୍ରଦତ୍ତ 'ସି' ଫର୍ମ ଗୁଡ଼ିକୁ ଯାଞ୍ଚ କରି ସମୀକ୍ଷା ଲକ୍ଷ୍ୟ କଲା ଯେ 414.28 କୋଟି ଟଙ୍କା ମଧ୍ୟରୁ ଓଡ଼ିଶା ରାଜ୍ୟ ମଧ୍ୟରେ ବିକ୍ରି କରାଯାଇଥିବା ଡିଲରମାନେ 41.98 କୋଟି[25] ଟଙ୍କାର 'ସି' ଫର୍ମ ଜାରି କରିଥିଲେ। ଯେହେତୁ ଦ୍ରବ୍ୟ ଗୁଡ଼ିକୁ ଓଡ଼ିଶା ରାଜ୍ୟ ଭିତରେ ବିକ୍ରି କରାଯାଇଥିଲା ଏବଂ ଉପସ୍ଥାପିତ ସି ଫର୍ମ ଗୁଡ଼ିକ ଓଡ଼ିଶା ରାଜ୍ୟର, ଏହି ବିକ୍ରୟକୁ ଅନ୍ତଃରାଜ୍ୟ ଭାବରେ ବିବେଚନା କରାଯିବାର ଥିଲା ଏବଂ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଓଡ଼ିଶା ଭାଟ୍ ଅଧିନରେ 41.98 କୋଟି ଟଙ୍କାର ସ୍ପଞ୍ଜ ଆଇରନ୍ ଉପରେ ପ୍ରଚଳିତ ପାଞ୍ଚ ପ୍ରତିଶତ ହାରରେ ଏବଂ ବଳକା

---

22 (କ) ମେସର୍ସ ଶ୍ରୀ ଗଣେଶ ମେଟାଲକସ୍ ଲିମିଟେଡ୍ ଟିନ୍-21022000079 (ଖ) ମେସର୍ସ ଆଧୁନିକ ମେଟାଲକସ୍ ଲିମିଟେଡ୍ ଟିନ୍-21472000074

23 247.65 କୋଟି ଟଙ୍କା + 161.81 କୋଟି ଟଙ୍କା

24 252.47 କୋଟି ଟଙ୍କା + 161.81 କୋଟି ଟଙ୍କା

25 41.30 କୋଟି ଟଙ୍କା + 68 ଲକ୍ଷ ଟଙ୍କା

367.48 କୋଟି ଟଙ୍କା ଉପରେ ଦୁଇ ପ୍ରତିଶତ ରିଆତି ହାରରେ, ଏହିପରି 9.45 କୋଟି ଟଙ୍କାର କର ଆଦାୟ କରିବାର ଥିଲା ।

ତେଣୁ, ଅନ୍ତଃରାଜ୍ୟ ପରିବର୍ତ୍ତେ ଆନ୍ତଃରାଜ୍ୟ ବିକ୍ରୟ ଭାବରେ ବିବେଚନା କରି ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ଭୁଲରେ 'ସି' ଫର୍ମ ଗ୍ରହଣ କରାଯାଇଥିବାରୁ 1.26 କୋଟି ଟଙ୍କାର କର ସ୍ୱଳ୍ପାଦାୟ ହେଲା ଯାହାକି ସରକାରୀ ରାଜକୋଷର ଏକ କ୍ଷତି ଥିଲା ।

ସମୀକ୍ଷା ସିଦ୍ଧାନ୍ତକୁ ଗ୍ରହଣ କରି ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବାକର କମିଶନର, ଓଡ଼ିଶା ଉତ୍ତରରେ ଦର୍ଶାଇଲେ (ଜାନୁଆରୀ 2021) ଯେ ସମୀକ୍ଷା ସିଦ୍ଧାନ୍ତ ପ୍ରାପ୍ତ ହେବା ପରେ, ନିର୍ଦ୍ଧାରଣ କର୍ତ୍ତୃପକ୍ଷ ମାମଲାକୁ ପୁନଃ ଯାଞ୍ଚ କରିଥିଲେ ଏବଂ ସିଏସ୍‌ଟି (ଓ) ନିୟମାବଳୀ, 1957 ର ଧାରା 12 (4) ଅନୁସାରେ ନିର୍ଦ୍ଧାରଣ ସମାପ୍ତ କରି (ନଭେମ୍ବର 2020) 1.27[26] କୋଟି ଟଙ୍କାର ଦାବି ଜାରି କରିଥିଲେ । ଯଦିଓ, ସମୀକ୍ଷା ଦ୍ୱାରା ନଥିପତ୍ର ଗୁଡ଼ିକର ଯାଞ୍ଚ ସମୟରେ ଜଣା ପଡ଼ି ସୂଚିତ ହେବା ପରେ ବିଭାଗ ଏହି ଦୁଇଟି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ, ଏହିପରି ତ୍ରୁଟିକୁ ଏଡ଼ାଇବା ପାଇଁ ଏକ ପଦ୍ଧତି ସ୍ଥାପନା କରିବା ଆବଶ୍ୟକ ଏବଂ ମାମଲା ଗୁଡ଼ିକୁ ନିର୍ଦ୍ଧାରଣ କରିବା ସମୟରେ ଯତ୍ନବାନ୍ ହେବା ଆବଶ୍ୟକ ।

2.5.4 କ୍ରେଡିଟ୍ ନୋଟରେ ଅନିୟମିତ ସ୍ୱୀକୃତି ଯୋଗୁଁ ଅତିରିକ୍ତ ଅର୍ଥ ଫେରସ୍ତ

ନିର୍ଦ୍ଧାରଣ କର୍ତ୍ତୃପକ୍ଷ, ତିନି ମାସ ଅବଧି ଅତିକ୍ରମ ହେବା ପରେ ଦିଆଯାଇଥିବା କ୍ରେଡିଟ୍ ନୋଟ୍ ଗୁଡ଼ିକୁ ଅନିୟମିତ ଭାବେ ସ୍ୱୀକୃତି ପ୍ରଦାନ କରିଥିଲେ ଯାହାଫଳରେ 55.39 ଲକ୍ଷ ଟଙ୍କା ଅତିରିକ୍ତ ଫେରସ୍ତ ହୋଇଥିଲା ।

ଓଡ଼ିଶା ଭାଟ୍ ନିୟମାବଳୀ, 2005 ର ନିୟମ 7 ର ଉପଧାରା (1) ତଥା ଓଡ଼ିଶା ମୂଲ୍ୟଯୁକ୍ତ କର ଅଧିନିୟମ, 2004 ର ଧାରା 23 ଅନୁଯାୟୀ ଏକ କର ଯୋଗ୍ୟ ବିକ୍ରୟ ଯେଉଁଠାରେ ବିକ୍ରୟ ମୂଲ୍ୟ କିମ୍ବା କର ବ୍ୟବସ୍ଥିତ ହେବା ଆବଶ୍ୟକ ଥାଏ, ଏହିପରି ବ୍ୟବସ୍ଥିତ କରୁଥିବା ଡିଲର ମାମଲା ଅନୁଯାୟୀ କ୍ରେଡିଟ୍ ନୋଟ୍ କିମ୍ବା ଡେବିଟ୍ ନୋଟ୍ ଜାରି କରିବେ । ପୁନଶ୍ଚ, ନିୟମ 7 ର ଉପ ନିୟମ 2 ଅନୁସାରେ, ଉପନିୟମ (1) ରେ ଦର୍ଶାଯାଇଥିବା କ୍ରେଡିଟ୍ ନୋଟ୍ କିମ୍ବା ଡେବିଟ୍ ନୋଟ୍ ମୂଳ ବିକ୍ରି ହୋଇଥିବା ଦିବସ ଅବଧି ପରେ ତିନି ମାସ ମଧ୍ୟରେ ପ୍ରଦାନ କରାଯିବ ।

ଅର୍ଥ ଫେରସ୍ତ ନଥି ସହ ନିର୍ଦ୍ଧାରଣ ନଥି ଯାଞ୍ଚ କରି ସମୀକ୍ଷା ଲକ୍ଷ୍ୟ କଲା ଯେ ଝାରସୁଗୁଡ଼ା ମଣ୍ଡଳର 32 ଟି ନଥି ମଧ୍ୟରୁ ଗୋଟିଏ ଡିଲରଙ୍କୁ[27] 01 ଅପ୍ରେଲ 2016 ରୁ 30 ଜୁନ୍ 2017 ଅବଧି ପାଇଁ ଧାରା 42A ଅଧିନରେ କର ନିର୍ଦ୍ଧାରିତ କରାଯାଇ 1.67 କୋଟି ଟଙ୍କା ଅର୍ଥ ଫେରସ୍ତ କରାଯାଇଥିଲା (ମାର୍ଚ୍ଚ 2019) । ଏହି ଡିଲର ବିଭିନ୍ନ କୋଇଲା ଖଣିରୁ କୋଇଲା ଖନନ କରି ଓଡ଼ିଶା ରାଜ୍ୟ ତଥା ବାହାରେ ବିକ୍ରୟ କରିଥିଲେ । ଅନୁସୂଚୀ ବି ର ଭାଗ II ର ଏଣ୍ଟ୍ରି ସଂଖ୍ୟା 31 ଅନୁଯାୟୀ କୋଇଲା ପାଞ୍ଚ ପ୍ରତିଶତ ହାରରେ କର ଯୋଗ୍ୟ ।

ନିର୍ଦ୍ଧାରଣ ସମୟରେ, ନିର୍ଦ୍ଧାରଣ କର୍ତ୍ତୃପକ୍ଷ (ଏଏ) 287.97 କୋଟି[28] ଟଙ୍କାର କର ନିର୍ଦ୍ଧାରଣ କରିଥିଲେ ଏବଂ 289.64 କୋଟି ଟଙ୍କାର କର ପ୍ରଦାନ ବ୍ୟବସ୍ଥିତ ହେବା ପରେ ଅତିରିକ୍ତ ଅର୍ଥ ପ୍ରଦାନ ବଦଳରେ 1.67 କୋଟି ଟଙ୍କା ପ୍ରଦାନ କରାଯାଇ ମୋଟ କାରବାରକୁ 6,047.42 କୋଟି ଟଙ୍କା ଏବଂ କରଯୋଗ୍ୟ କାରବାରକୁ 5,759.45 କୋଟି[29] ଟଙ୍କା ଧାର୍ଯ୍ୟ କରାଯାଇଥିଲା (ମଇ 2019) । ଅତିରିକ୍ତ କମିଶନର, ସିଟି ଏବଂ ଜିଏସ୍‌ଟି (ରାଜସ୍ୱ) ନିର୍ଦ୍ଧାରଣ ନଥି ଯାଞ୍ଚ କରି ଲକ୍ଷ୍ୟ କଲେ ଯେ, ଜାନୁଆରୀରୁ ମାର୍ଚ୍ଚ 2017 ମଧ୍ୟରେ ଜାରି କରାଯାଇଥିବା 11.08

---

26 1.24 କୋଟି ଟଙ୍କା + 3 ଲକ୍ଷ ଟଙ୍କା

27 ମେସର୍ସ ଏମ୍‌ସିଏଲ୍ ଆଇବି ଭାଲି କୋଲଫିଲ୍ଡସ୍, ଟିନ୍-21211700002

28 230.29 କୋଟି ଟଙ୍କା 2016-17 ଅବଧିରେ + 57.68 କୋଟି ଟଙ୍କା 2017-18 ଅବଧିରେ

29 ବିକ୍ରୟ – 2016-17 ଅବଧିରେ 4,605.85 କୋଟି ଟଙ୍କା + ବିକ୍ରୟ – 2017-18 ଅବଧିରେ (ଜୁନ୍ 2017 ପର୍ଯ୍ୟନ୍ତ) 1,153.60 କୋଟି ଟଙ୍କା

କୋଟି[30] ଟଙ୍କା ମୂଲ୍ୟର କ୍ରେଡିଟ୍ ନୋଟ ଉପରେ ଆଉଟ୍ ପୁଟ କରରୁ 56.19 ଲକ୍ଷ ଟଙ୍କା ରିହାତି ଦେବାକୁ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଅନୁମତି ଦେଇଥିଲେ । କିନ୍ତୁ, ସମୀକ୍ଷା ପରିଚାଳନା ହେବା ପର୍ଯ୍ୟନ୍ତ (ଜାନୁଆରୀ 2020) ଅତିରିକ୍ତ କମିଶନରଙ୍କ ନିର୍ଦ୍ଦେଶ ଉପରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ ।

ସିଟି ଏବଂ ଜିଏସ୍‌ଟି (ରାଜସ୍ୱ) ର ଅତିରିକ୍ତ କମିଶନରଙ୍କ ସମୀକ୍ଷା ମନ୍ତବ୍ୟରୁ ଅଡିଟ୍ ପୁନଶ୍ଚ ଲକ୍ଷ୍ୟ କଲା ଯେ କର ଅବଧିର ତିନି ମାସ ମଧ୍ୟରେ ଡିଲରଙ୍କ ଦ୍ୱାରା ଏହି କ୍ରେଡିଟ୍ ନୋଟ୍ ପ୍ରଦାନ କରାଯାଇ ନଥିଲା । ଡିଲର ତାଙ୍କ ବିବୃତିରେ ମଧ୍ୟ ସ୍ୱୀକାର କରିଛନ୍ତି ଯେ ସେ ତିନି ମାସ ଧାର୍ଯ୍ୟ ସମୟ ସୀମା ପରେ କ୍ରେଡିଟ୍ ନୋଟ୍ ଜାରି କରିଛନ୍ତି । କିନ୍ତୁ, ନିର୍ଦ୍ଧାରଣ କର୍ତ୍ତୃପକ୍ଷ, ଯେଉଁ କର ଅବଧି ପାଇଁ କ୍ରେଡିଟ୍ ନୋଟ୍ ଜାରି କରାଯାଇଥିଲା ଏବଂ ଡିଲରଙ୍କ ଦ୍ୱାରା ଏହି କ୍ରେଡିଟ୍ ନୋଟ୍ ପ୍ରଦାନ କରାଯାଇଥିବା ତାରିଖ ବିଷୟରେ ଉଲ୍ଲେଖ ନ କରି ଆଉଟପୁଟ୍ କରରୁ ରିହାତି ପ୍ରଦାନ କରିଥିଲେ । ତେଣୁ, ନିର୍ଦ୍ଧାରଣ କର୍ତ୍ତୃପକ୍ଷ, ଅନିୟମିତ ଭାବରେ ତିନି ମାସ ପରେ ମଧ୍ୟ କ୍ରେଡିଟ୍ ନୋଟ ଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରିଥିଲେ ଏବଂ ସେହି ପରିମାଣରେ ଆଉଟପୁଟ୍ କର ହ୍ରାସ କରିଥିଲେ ଯଦିଓ ଏହିପରି ବିଳମ୍ବକୁ ଏଡ଼ାଇବା ପାଇଁ ନିୟମ ଅନୁଯାୟୀ ନିର୍ଦ୍ଧାରଣ କର୍ତ୍ତୃପକ୍ଷ କ୍ଷମତା ପ୍ରାପ୍ତ ନଥିଲେ । ଏହାଦ୍ୱାରା 55.39 ଲକ୍ଷ[31] ଟଙ୍କାର ଅତିରିକ୍ତ ଅର୍ଥ ଫେରସ୍ତ ହୋଇଥିଲା ।

ଏହି ସମୀକ୍ଷା ସିଦ୍ଧାନ୍ତକୁ ସମୀକ୍ଷିତ ସତ୍ତାକୁ ଜାରି କରାଯାଇଥିଲା (ଜାନୁଆରୀ 2020) ଏବଂ ଉତ୍ତରରେ ସିଟି ଏବଂ ଜିଏସ୍‌ଟି, ସମ୍ବଲପୁରର ଅତିରିକ୍ତ କମିଶନର ଦର୍ଶାଇଲେ (ଡିସେମ୍ବର 2020) ଯେ ପୁନଃନିର୍ଦ୍ଧାରଣ ଆରମ୍ଭ କରାଯାଇଅଛି ।

ଉକ୍ତ ବିଷୟରେ ସରକାରଙ୍କୁ ଅବଗତ କରାଯାଇଥିଲା (ଜୁଲାଇ 2021) । ସେମାନଙ୍କ ଉତ୍ତରକୁ ଅପେକ୍ଷା କରାଯାଇଅଛି (ସେପ୍ଟେମ୍ବର 2021) ।

2.5.5 ଅନିୟମିତ ଭାବରେ ରିହାତି ହାର ପ୍ରଦାନ ହେତୁ କରର ସ୍ୱଳ୍ପାଦାୟ

ଓଡ଼ିଶା ରାଜ୍ୟ ଇ-I ଓ 'ସି' ଫର୍ମ ଅଧିନରେ 17.57 କୋଟି ଟଙ୍କାର ବିକ୍ରୟ କାରବାରକୁ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଅନିୟମିତ ଭାବରେ ଗ୍ରହଣ କରିଥିଲେ ଏବଂ କରର ରିହାତି ହାରକୁ ଅନୁମତି ଦେଇଥିଲେ ଯାହା ଫଳରେ ତିନି ପ୍ରତିଶତ ପାର୍ଥକ୍ୟ ହାରରେ 52.71 ଲକ୍ଷ ଟଙ୍କାର କର ସ୍ୱଳ୍ପାଦାୟ ହୋଇଥିଲା ।

କେନ୍ଦ୍ରୀୟ ବିକ୍ରୟ କର (ସିଏସ୍‌ଟି) ଅଧିନିୟମ, 1956 ର ଧାରା 3 ଅନୁସାରେ, ସମୟ ସମୟରେ ସଂଶୋଧିତ ହୋଇ, ବିକ୍ରି କିମ୍ବା କ୍ରୟ ଯଦି(କ) ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଦ୍ରବ୍ୟର ସ୍ଥାନାନ୍ତରଣ କିମ୍ବା (ଖ) ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଦ୍ରବ୍ୟର ସ୍ଥାନାନ୍ତରଣ ସମୟରେ ଦସ୍ତାବିଜ୍ ପରିବର୍ତ୍ତନ ହୁଏ, ତେବେ ଉକ୍ତ ବିକ୍ରି କିମ୍ବା କ୍ରୟକୁ ଆନ୍ତଃରାଜ୍ୟ କ୍ରୟ କିମ୍ବା ବିକ୍ରୟ ଭାବରେ ବିବେଚନା କରାଯିବ । ସିଏସ୍‌ଟି ଅଧିନିୟମର ଧାରା 6(2) ଅନୁଯାୟୀ ଯେଉଁଠାରେ ଆନ୍ତଃରାଜ୍ୟ ବାଣିଜ୍ୟ କାରବାରରେ କୌଣସି ଦ୍ରବ୍ୟ ବିକ୍ରୟ ହୁଏ, ଯଦି ସେହି ଦ୍ରବ୍ୟ ଧାରା 8 ର ଉପଧାରା (3) ରେ ଦର୍ଶାଯାଇଥିବା ମତେ ଅଟେ, ତେବେ ଏହି ଅଧିନିୟମ ଅଧିନରେ କରରୁ ମୁକ୍ତ ହେବ ପରନ୍ତୁ କ୍ରୟ କରୁଥିବା ପଞ୍ଜୀକୃତ ଡିଲରଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମରେ (ଫର୍ମ ଇ-I ଓ ଇ-II) କିଣାଯାଇଥିବା ଦ୍ରବ୍ୟରେ ବିବରଣ ଦର୍ଶାଯାଇଥିବା ଏବଂ ସ୍ୱାକ୍ଷରିତ ହୋଇ ପ୍ରଦାନ କରାଯାଇଥିବା ଫର୍ମକୁ ବିକ୍ରୟ କରୁଥିବା ଡିଲର ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବେ ।

ପୁନଶ୍ଚ, ସିଏସ୍‌ଟି ଅଧିନିୟମର ଧାରା 8(4) ତଥା ସିଏସ୍‌ଟି (ଆର ଏବଂ ଟି) ନିୟମାବଳୀ, 1957 ର ନିୟମ 12(1) ଅନୁଯାୟୀ ସିଏସ୍‌ଟି ନିୟମାବଳୀ ଅଧିନରେ କର ରିହାତି ହାର ଦାବି କରିବା ପାଇଁ, ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷଙ୍କ ସୂଚନା ଥାଇ, ବାହ୍ୟ ରାଜ୍ୟର ପଞ୍ଜୀକୃତ ଡିଲର ଯାହାଙ୍କୁ ଦ୍ରବ୍ୟ ବିକ୍ରି କରାଯାଇଥାଏ, ନିର୍ଦ୍ଧାରିତ ଅନୁସାରେ ପୂରଣ ଏବଂ ଦସ୍ତଖତ କରିଥିବା ଫର୍ମ ସି କୁ ବିକ୍ରୟ କରୁଥିବା ଡିଲର, ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବେ । ସିଏସ୍‌ଟି

---

30 2.26 କୋଟି ଟଙ୍କା ଜାନୁଆରୀ 2017 ଅବଧିରେ + 4.41 କୋଟି ଟଙ୍କା ପ୍ରତ୍ୟେକ ଫେବୃଆରୀ ଓ ମାର୍ଚ୍ଚ 2017 ଅବଧିରେ

31 11.08 କୋଟି ଟଙ୍କାର ପାଞ୍ଚ ପ୍ରତିଶତ

ଅଧିନିୟମ, 1956 ର ଧାରା 8(2) ଅନୁଯାୟୀ ଯେକୌଣସି ଡିଲର ତାଙ୍କ ଆନ୍ତଃ-ରାଜ୍ୟ କାରବାର ଉପରେ, ଯଦି ତାହା ଆନ୍ତଃରାଜ୍ୟ ବାଣିଜ୍ୟ କାରବାର ଅଧିନରେ ଆସୁ ନଥାଏ, ରାଜ୍ୟ ମଧ୍ୟରେ ରାଜ୍ୟର ବିକ୍ରି କର ନିୟମ ଅଧିନରେ ଏହିପରି ଦ୍ରବ୍ୟ ବିକ୍ରୟ କିମ୍ବା କ୍ରୟ ପାଇଁ ପ୍ରଯୁଜ୍ୟ ହାରରେ କର ପ୍ରଦାନ କରିବେ । ଓଡ଼ିଶା ମୂଲ୍ୟଯୁକ୍ତ କର (ଓଡ଼ିଶା ଭାଟ୍) ଅଧିନିୟମର ଅନୁସୂଚୀ-ବି(ଭାଗ-II)ର ପ୍ରବେଶ ସଂଖ୍ୟା 68 ଅନୁସାରେ, 'ସ୍ପଞ୍ଜ ଆଇରନ୍' ଉପରେ ପାଞ୍ଚ ପ୍ରତିଶତ ହାରରେ କର ପ୍ରଦାନ କରାଯିବ ।

ସିଏସ୍‌ଟି ନିର୍ଦ୍ଧାରଣ ନଥିପତ୍ର ଯାଞ୍ଚ କରି ସମୀକ୍ଷା ଲକ୍ଷ୍ୟ କଲା ଯେ ବଡ଼ବିଲ ମଣ୍ଡଳ ଅଧିନରେ ଏକ ଡିଲର[32] ଲୁହା ପଥର ଏବଂ ମାଙ୍ଗାନିଜ୍ ଖଣି ଖନନ ଏବଂ ବାଣିଜ୍ୟ କାର୍ଯ୍ୟରେ ନିୟୋଜିତ ଥିଲେ । ନିର୍ଦ୍ଧାରଣ କର୍ତ୍ତୃପକ୍ଷ, ଅକ୍ଟୋବର 2015 ରୁ ମାର୍ଚ୍ଚ 2016 ପର୍ଯ୍ୟନ୍ତ କର ଅବଧି ପାଇଁ ଡିଲରଙ୍କୁ ନିର୍ଦ୍ଧାରଣ କରିଥିଲେ (ସେପ୍ଟେମ୍ବର 2018) ଏବଂ ମୋଟ କାରବାର (ଜିଟିଓ) ଏବଂ କରଯୋଗ୍ୟ କାରବାର (ଟିଟିଓ) କୁ ଯଥାକ୍ରମେ 471.11 କୋଟି ଟଙ୍କା ଏବଂ 461.88 କୋଟି ଟଙ୍କା ସ୍ଥିର କରିଥିଲେ । ଡିଲରଙ୍କ ଦ୍ୱାରା ପ୍ରଦତ୍ତ ସି ଫର୍ମ ଯାଞ୍ଚରୁ ଜଣାଗଲା ଯେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ, 453.13 କୋଟି ଟଙ୍କାର ସିଏସ୍‌ଟି ବିକ୍ରୟକୁ ଦୁଇ ପ୍ରତିଶତ ରିହାତି ହାରରେ କର ନିର୍ଦ୍ଧାରଣ କରିଥିଲେ ।

ସେହି 'ସି' ଫର୍ମ ଗୁଡ଼ିକୁ ଯାଞ୍ଚ କରି ସମୀକ୍ଷା ଲକ୍ଷ୍ୟ କଲା ଯେ 17.57 କୋଟି ଟଙ୍କା ମୂଲ୍ୟର ତିନୋଟି 'ସି' ଫର୍ମ ଓଡ଼ିଶା ରାଜ୍ୟର ଦୁଇ ଜଣ କ୍ରେତାଙ୍କ[33] ଦ୍ୱାରା ଜାରି କରାଯାଇଥିଲା । ତେଣୁ, ଓଡ଼ିଶା ରାଜ୍ୟ ଡିଲରଙ୍କ 'ସି' ଫର୍ମ ଆଧାରରେ ରିହାତି ହାରରେ କର ଲାଗୁ କରିବାକୁ ଅନୁମତି ଦିଆଯିବା ଉଚିତ୍ ନଥିଲା ଏବଂ ଏହା ତିନି ପ୍ରତିଶତ ପାର୍ଥକ୍ୟ ହାରରେ 52.71 ଲକ୍ଷ ଟଙ୍କାର କର ଲାଗୁ କରାଯିବାର ଥିଲା ।

ସମୀକ୍ଷା ଦ୍ୱାରା ସୂଚିତ ହେବା ପରେ (ଡିସେମ୍ବର 2019) ନିର୍ଦ୍ଧାରଣ କର୍ତ୍ତୃପକ୍ଷ ବ୍ୟକ୍ତ କଲେ ଯେ ଏହା ଏକ ଟ୍ରାନ୍‌ଜିଟ୍ ବିକ୍ରୟ ଥିଲା ଏବଂ ସେହି 'ସି' ଫର୍ମ ପାଇଁ ଡିଲରମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଇ-I ଫର୍ମର ନକଲ ଉପସ୍ଥାପନ କରିଥିଲେ (ନଭେମ୍ବର 2020) । ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ଓଡ଼ିଶା ରାଜ୍ୟର ଉପରୋକ୍ତ ଦୁଇ ଡିଲରଙ୍କୁ ଏହି ଡିଲର ନିଜେ ଇ-I ଫର୍ମ ଜାରି କରିଥିଲେ ଏବଂ ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିବା ଇ-I ତଥା 'ସି' ଫର୍ମ ମଧ୍ୟ ଓଡ଼ିଶା ଫର୍ମ ଥିଲା । ଏଣୁ, 17.57 କୋଟି ଟଙ୍କାର ଏହି କାରବାର ସିଏସ୍‌ଟି ଅଧିନିୟମର ଧାରା 3 ଅନୁଯାୟୀ ଆନ୍ତଃରାଜ୍ୟ ବିକ୍ରୟ ନଥିଲା କିମ୍ବା ଧାରା 6(2) ଅନୁଯାୟୀ ଟ୍ରାନ୍‌ଜିଟ୍ ବିକ୍ରୟ ମଧ୍ୟ ନଥିଲା । ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ଓଡ଼ିଶା ରାଜ୍ୟ ଇ-I, 'ସି' ଫର୍ମ ଅନ୍ତର୍ଗତ 17.57 କୋଟି ଟଙ୍କାର ବିକ୍ରି କାରବାରର ଅନିୟମିତ ଗ୍ରହଣ କରାଯିବା ଏବଂ ରିହାତି ହାରରେ କର ଲାଗୁ କରାଯିବା ଫଳରେ 52.71 ଲକ୍ଷ ଟଙ୍କାର କର ସ୍ୱଳ୍ପାଦାୟ ହୋଇଥିଲା ।

ଉକ୍ତ ବିଷୟରେ ସରକାରଙ୍କୁ ଅବଗତ କରାଯାଇଥିଲା (ଜୁଲାଇ 2021) । ସେମାନଙ୍କ ଉତ୍ତରକୁ ଅପେକ୍ଷା କରାଯାଇଅଛି (ସେପ୍ଟେମ୍ବର 2021) ।

2.5.6 ଶ୍ରମ ଓ ସେବା ଦେୟର ଅତିରିକ୍ତ ଅନୁମତି ଯୋଗୁଁ କର ଏବଂ ଜୋରିମାନାର ସ୍ୱଳ୍ପାଦାୟ

ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଶ୍ରମ ଓ ସେବା କର ଉପରେ ଅତିରିକ୍ତ ରିହାତି ପାଇଁ ଅନୁମତି ଦେଇଥିଲେ ଯାହାଫଳରେ 14.79 ଲକ୍ଷ ଟଙ୍କାର କର ଏବଂ ଜୋରିମାନା ସ୍ୱଳ୍ପାଦାୟ ହୋଇଥିଲା ।

ଓଡ଼ିଶା ଭାଟ୍ ନିୟମାବଳୀର ନିୟମ 6(e) ଅନୁଯାୟୀ (1) କାର୍ଯ୍ୟ ନିର୍ବାହ ପାଇଁ ଶ୍ରମ ଦେୟ (2) କାର୍ଯ୍ୟ ଚୁକ୍ତିନାମା ମାମଲାରେ ଶ୍ରମ ଓ ସେବା ପାଇଁ ଉପ-ଠିକାଦାରଙ୍କୁ ପ୍ରଦାନ କରାଯାଇଥିବା ଅର୍ଥ, ମୋଟ କାରବାରରୁ ବିଯୁକ୍ତ କରାଯାଇ କରଯୋଗ୍ୟ କାରବାର ନିର୍ଣ୍ଣୟ କରାଯିବ । ଉପରୋକ୍ତ ନିୟମ ଅନୁଯାୟୀ, ଯେଉଁଠାରେ କାର୍ଯ୍ୟ

32 ମେସର୍ସ ସେରାଜୁଦ୍ଦିନ୍ ଏଣ୍ଡ କୋ ଥିବା ଟିନ୍ ନମ୍ବର -21111400036

33 (i) ମେସର୍ସ ମଙ୍ଗଲମ୍ ମେଟାଲ୍ ଓରସ୍ ଲିମିଟେଡ୍ ଟିନ୍-21411402490 ବଡ଼ବିଲ କେନ୍ଦ୍ର ଏବଂ (ii) ମେସର୍ସ କଳିଙ୍ଗ ଏଣ୍ଟରପ୍ରାଇଜର୍ସ ପ୍ରାଇଭେଟ୍ ଲିମିଟେଡ୍ ଟିନ୍- 21455400323 ଏବଂ ରାଉରକେଲା II କେନ୍ଦ୍ର

ଚୁକ୍ତିନାମା କାର୍ଯ୍ୟକାରୀ କରୁଥିବା ଡିଲର, ଉପରୋକ୍ତ ଖର୍ଚ୍ଚର ବାବଦରେ ପ୍ରମାଣ ପ୍ରଦାନ କରିବାରେ ବିଫଳ ହୁଅନ୍ତି କିମ୍ବା ଚୁକ୍ତିନାମାର ସର୍ତ୍ତାବଳୀ କିମ୍ବା ଏହି ଉଦ୍ଦେଶ୍ୟରେ ରଖାଯାଇଥିବା ହିସାବ ଖାତାରୁ ଏହି ଖର୍ଚ୍ଚ ସୁନିଶ୍ଚିତ ହୋଇପାରିବ ନାହିଁ, ତେବେ ଶ୍ରମ, ସେବା ଓ ଏହିପରି ଖର୍ଚ୍ଚ ବଦଳରେ ଦେୟ ପରିମାଣ, ଓଡ଼ିଶା ଭାଟ୍ ନିୟମାବଳୀର ନିୟମ 6(e) ର ପରିଶିଷ୍ଟରେ ଦର୍ଶାଯାଇଥିବା ହାରରେ ନିର୍ଣ୍ଣୟ କରାଯିବ । ଏହି ପରିଶିଷ୍ଟର କ୍ରମିକ ସଂଖ୍ୟା 23 ଅନୁଯାୟୀ, ଶ୍ରମ ଓ ସେବା ଦେୟ, ମୋଟ କାରବାରର 20 ପ୍ରତିଶତ ହେବ । ପୁନଶ୍ଚ, ଧାରା 42 A (6) ଅନୁଯାୟୀ ଏହି ଧାରା ଅଧିନରେ ସମାପ୍ତ ହୋଇଥିବା କୌଣସି ନିର୍ଦ୍ଧାରଣ ଉପରେ, ନିର୍ଦ୍ଧାରିତ ହୋଇଥିବା କରର ଅଧିକତମ 25 ପ୍ରତିଶତ ଜୋରିମାନା ହିସାବରେ ଲାଗୁ କରାଯାଇପାରେ ।

କର ନିର୍ଦ୍ଧାରଣ ନଥିପତ୍ର ଯାଞ୍ଚ କରି ସମୀକ୍ଷା ଲକ୍ଷ୍ୟ କଲା ଯେ ପୁରୀ ମଣ୍ଡଳ ଅଧିନରେ କାର୍ଯ୍ୟ ଚୁକ୍ତିନାମା କାର୍ଯ୍ୟକାରୀରେ ନିୟୋଜିତ ଥିବା ଏକ ଡିଲରଙ୍କୁ[34] 1 ଅକ୍ଟୋବର 2015 ରୁ 31 ମାର୍ଚ୍ଚ 2016 ଅବଧି ପାଇଁ ଓଡ଼ିଶା ଭାଟ୍ ଅଧିନିୟମର ଧାରା 42A ଅଧିନରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇ ଥିଲା (ସେପ୍ଟେମ୍ବର 2018) । ନିର୍ଦ୍ଧାରଣ କର୍ତ୍ତୃପକ୍ଷ ମୋଟ ପ୍ରାପ୍ତିକୁ 17.58 କୋଟି ଟଙ୍କା ନିର୍ଦ୍ଧାରିତ କରିଥିଲେ ଏବଂ ଉପ-ଠିକାଦାରଙ୍କୁ ପ୍ରଦାନ କରାଯାଇଥିବା 8.89 କୋଟି ଟଙ୍କାକୁ ବ୍ୟବସ୍ଥିତ କରି, 8.69 କୋଟି ଟଙ୍କା କର ଯୋଗ୍ୟ ଥିବା ନିର୍ଦ୍ଧାରଣ କରିଥିଲେ । ସେହିପରି, ନିର୍ଦ୍ଧାରଣ କର୍ତ୍ତୃପକ୍ଷ, ମୋଟ କାରବାରରୁ 3.29 କୋଟି ଟଙ୍କାର ଶ୍ରମ ଓ ସେବା କର ବିଯୁକ୍ତ କରିବା ପାଇଁ ଅନୁମତି ନେଇଥିଲେ ଯାହାକି ମୋଟ କାରବାରର 37.88 ପ୍ରତିଶତ ଥିଲା ଏବଂ କରଯୋଗ୍ୟ କାରବାରକୁ 5.40 କୋଟି ଟଙ୍କାରେ ସ୍ଥିର କରିଥିଲେ ।

ଡିଲର, ଉପରୋକ୍ତ ନିୟମ ଅନୁଯାୟୀ ହିସାବ ଖାତାଗୁଡ଼ିକର ସଠିକ୍ ପରିଚାଳନା କରିନଥିଲେ ଏବଂ କାର୍ଯ୍ୟ ଚୁକ୍ତିନାମା ସମ୍ପର୍କିତ ଦେୟର ନିର୍ଦ୍ଦିଷ୍ଟ ବିବରଣ ପ୍ରଦାନ କରିବାରେ ବିଫଳ ହୋଇଥିଲେ ଯେଉଁଥିପାଇଁ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ସାମୟିକ ହିସାବ ଖାତାକୁ ପ୍ରତ୍ୟାଖ୍ୟାନ କରିଥିଲେ । ଏଥିଯୋଗୁଁ, ଓଡ଼ିଶା ଭାଟ୍ ନିୟମାବଳୀର ପରିଶିଷ୍ଟର କ୍ରମିକ ସଂଖ୍ୟା 23 ଅନୁଯାୟୀ ମୋଟ କାରବାରରୁ 20 ପ୍ରତିଶତ ଶ୍ରମ ଓ ସେବା କର ବାବଦରେ ବିଯୁକ୍ତ କରିବାର ଥିଲା । ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଅନିୟମିତ ଭାବେ 37.88 ପ୍ରତିଶତ ବିଯୁକ୍ତ କରିବା ପାଇଁ ଅନୁମତି ଦେଇଥିଲେ ଯାହାଫଳରେ **ପରିଶିଷ୍ଟ**-I ର ବିବରଣ ଅନୁସାରେ 14.79 ଲକ୍ଷ ଟଙ୍କାର (11.83 ଲକ୍ଷ ଟଙ୍କାର କର ଏବଂ 2.96 ଲକ୍ଷ ଟଙ୍କାର ଜୋରିମାନା) କର ଓ ଜୋରିମାନା ସ୍ୱଳ୍ପାଦାୟ ହୋଇଥିଲା ।

ସିଟି ଓ ଜିଏସ୍‌ଟି, ପୁରୀର ଉପ-କମିଶନରଙ୍କୁ ଉକ୍ତ ବିଷୟରେ ଅବଗତ କରାଯାଇଥିଲା (ଜାନୁଆରୀ 2020) କିନ୍ତୁ କୌଣସି ଅନୁପାଳନ ପ୍ରାପ୍ତ ହୋଇନଥିଲା । ଏହି ବିଷୟରେ ଓଡ଼ିଶା ସରକାରଙ୍କୁ ଅବଗତ କରାଯାଇଥିଲା (ଜୁଲାଇ 2021) । ସେମାନଙ୍କ ଉତ୍ତରକୁ ଅପେକ୍ଷା କରାଯାଇଅଛି (ସେପ୍ଟେମ୍ବର 2021) ।

ପ୍ରବେଶ କର

2.6 ଓଡ଼ିଶା ପ୍ରବେଶ କର ଅଧିନିୟମ/ ନିୟମାବଳୀରେ ଥିବା ନିୟମ ଗୁଡ଼ିକ ତଥା ସରକାରୀ ଅଧିସୂଚନା ଗୁଡ଼ିକର ଅନୁପାଳନ ନହେବା

ଓଡ଼ିଶା ପ୍ରବେଶ କର (ଓଇଟି) ଅଧିନିୟମ, 1999 ଓ ତଦଧିନ ପ୍ରଣୀତ ନିୟମାବଳୀ ସହିତ ସମୟ ସମୟରେ ଜାରି ହେଉଥିବା ସରକାରୀ ଅଧିସୂଚନା ଗୁଡ଼ିକର ବ୍ୟବସ୍ଥାନୁସାରେ ବ୍ୟବହାର କିମ୍ବା ବିକ୍ରି ପାଇଁ ସ୍ଥାନୀୟ ଅଞ୍ଚଳକୁ କୌଣସି ଅନୁସୂଚିତ ଦ୍ରବ୍ୟର ପ୍ରବେଶ ଉପରେ ଓଇଟି ନିୟମାବଳୀ, 1999 ର 3 ରେ ନିର୍ଦ୍ଧାରିତ ହାରରେ ଧାରା 3 ଅଧିନରେ କର ବସାଣ ହେବ ଏବଂ ସମୀକ୍ଷା ନିର୍ଦ୍ଧାରଣରେ ଅଧିନିୟମର ଧାରା 9C ଅନୁଯାୟୀ ଜୋରିମାନା ଆରୋପଣ ହେବ ।

---

34 ମେସର୍ସ ଭିଏ ଟେକ୍ ୱାବାଗ୍ ଲିମିଟେଡ୍, ଟିନ୍ 21711117048

ସମୀକ୍ଷା ଅବଲୋକନ କଲା ଯେ ନିର୍ଦ୍ଧାରଣ ଚୂଡ଼ାନ୍ତ କଲା ସମୟରେ କିଛି ମାମଲାରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଉପରୋକ୍ତ ବ୍ୟବସ୍ଥା ଗୁଡ଼ିକୁ ପାଳନ କରିନଥିଲେ ଯାହାକି ନିମ୍ନରେ ପ୍ରଦତ୍ତ ଅନୁଚ୍ଛେଦ ଗୁଡ଼ିକରେ ଉଲ୍ଲେଖ କରାଗଲା ।

2.6.1 ବିକ୍ରୟ କାରବାର ଉପରେ ପ୍ରବେଶ କରର ସ୍ୱଳ୍ପାରୋପଣ

ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଅନୁସୂଚିତ ଦ୍ରବ୍ୟ ଗୁଡ଼ିକର ବିକ୍ରି ଉପରେ ପ୍ରବେଶ କର ଲାଗୁ କରିନଥିଲେ ଯାହାଫଳରେ 19 ଲକ୍ଷ ଟଙ୍କାର ପ୍ରବେଶ କର ସହ ନିର୍ଦ୍ଧାରିତ କର ଉପରେ 38 ଲକ୍ଷ ଟଙ୍କାର ଜୋରିମାନା ସ୍ୱଳ୍ପରୋପଣ ହୋଇଥିଲା ।

ଓଡ଼ିଶା ପ୍ରବେଶ କର (ଓଇଟି) ଅଧିନିୟମ, 1999 ର ଧାରା 3 ଅନୁଯାୟୀ ଅନୁସୂଚିତ ଦ୍ରବ୍ୟର ସ୍ଥାନୀୟ ଅଞ୍ଚଳରେ[35] ବ୍ୟବହାର କିମ୍ବା ବିକ୍ରି ପାଇଁ ପ୍ରବେଶ ଉପରେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ତାରିଖ ଠାରୁ ତଥା ବିଭିନ୍ନ ତାରିଖ ଓ ବିଭିନ୍ନ ସ୍ଥାନୀୟ ଅଞ୍ଚଳ ପାଇଁ ସର୍ତ୍ତ ଅନୁସାରେ ବିଭିନ୍ନ ହାରରେ ସେହି ଦ୍ରବ୍ୟର କ୍ରୟ ମୂଲ୍ୟର ଅଧିକତମ 12 ପ୍ରତିଶତ ହାରରେ କର ଲାଗୁ ଓ ସଂଗ୍ରହ କରାଯିବ । ଓଇଟି ନିୟମାବଳୀ, 1999 ର ନିୟମ 19 (1) ଅନୁଯୟୀ ମୂଲ୍ୟଯୁକ୍ତ କର (ଭାଟ୍) ଅଧିନରେ ପଞ୍ଜୀକୃତ ହୋଇଥିବା ଅନୁସୂଚିତ ଦ୍ରବ୍ୟର ଉତ୍ପାଦକ ଶେଷ ତିଆରି ଦ୍ରବ୍ୟ ଯାହାକି ଅନୁସୂଚିତ ଦ୍ରବ୍ୟ ହୋଇଥିବ ଏବଂ ତାଙ୍କ ଦ୍ୱାରା କୌଣସି ଡିଲର କିମ୍ବା ବ୍ୟକ୍ତିଙ୍କୁ ଏହା ବିକ୍ରି କରାଯାଉଥିବ, ପ୍ରତ୍ୟେକ୍ଷ କିମ୍ବା ମଧ୍ୟସ୍ଥି ମାଧ୍ୟମରେ କ୍ରୟ କରିଥିବା ଡିଲର କିମ୍ବା ବ୍ୟକ୍ତିଙ୍କ ଠାରୁ ଧାରା 3 ଅନୁଯାୟୀ କର ଆଦାୟ କରିବେ । ଇଟି ଅନୁସୂଚୀର ଭାଗ-I ର ପ୍ରବେଶ ସଖ୍ୟା 73 ଅନୁସାରେ "କୌଣସି ଉଦ୍ଦେଶ୍ୟରେ ବ୍ୟବହାର ହେଉଥିବା କେମିକାଲ" ଉପରେ ଏକ ପ୍ରତିଶତ କର ଲାଗୁ ହେବ । ପୁନଶ୍ଚ, ଓଇଟି ଅଧିନିୟମର ଧାରା 9 C (5) ଅନୁଯାୟୀ ଉପଧାରା 3 ଏବଂ 4 ଅଧିନରେ ସମାପ୍ତ ହୋଇଥିବା ନିର୍ଦ୍ଧାରଣ ଉପରେ ନିର୍ଦ୍ଧାରିତ କରର ଦୁଇ ଗୁଣ ଜରିମାନା ଆକାରରେ ଲାଗୁ କରାଯିବ ।

କେନ୍ଦ୍ରୀୟ ବିକ୍ରୟ କର (ସିଏସ୍‌ଟି) ଏବଂ ଓଇଟି ନିର୍ଦ୍ଧାରଣ ନଥିପତ୍ର ସହ ଅନୁରୂପ ଅଡିଟ୍ ପରିଦର୍ଶନ ରିପୋର୍ଟ (ଏଭିଆର) ଗୁଡ଼ିକୁ ଯାଞ୍ଚ କରି ସମୀକ୍ଷା ଲକ୍ଷ୍ୟ କଲା ଯେ ଗଞ୍ଜାମ –II ମଣ୍ଡଳର 18 ଜଣ ଡିଲରଙ୍କ ମଧ୍ୟରୁ ଜଣେ ଡିଲର[36] 01 ଅପ୍ରେଲ 2012 ରୁ 31 ମାର୍ଚ୍ଚ 2014 ଅବଧି ପାଇଁ ଓଇଟି ଅଧିନିୟମର ଧାରା 9 (C) ଅଧିନରେ ନିର୍ଦ୍ଧାରିତ ହୋଇଥିଲେ (ଡିସେମ୍ବର 2015) । ଉପରୋକ୍ତ ଡିଲର କ୍ଲୋରିନେଟର ପାରାଫିନ୍ ଓ୍ୱାକ୍ସ (ସିପିଡବ୍ଲୁ) ଉତ୍ପାଦନ କରୁଥିଲେ ଯାହାକି ଏକ ଅବିଷାକ୍ତ, ଅଣ ପ୍ରଦାହଜନକ, ନିମ୍ନ ଅସ୍ଥିରତା ଏବଂ ଉଚ୍ଚ ଇନ୍‌ସୁଲେଟିଭ୍ ଜଟିଳ କେମିକାଲ ପଦାର୍ଥ ଏବଂ ହାଇଡ୍ରୋ କ୍ଲୋରିକ୍ ଏସିଡ୍ (ଏଚ୍‌ସିଏଲ୍) । ସେ ଓଡ଼ିଶା ରାଜ୍ୟ ଭିତରୁ ତଥା ଭାରତ ବାହାରୁ କ୍ରୟ କରୁଥିଲେ ଏବଂ ଓଡ଼ିଶା ରାଜ୍ୟ ଭିତରେ ତଥା ବାହାରେ ବିକ୍ରୟ କରୁଥିଲେ ।

ଓଇଟି ଅଧିନିୟମ ଅଧିନରେ ନିର୍ଦ୍ଧାରଣକୁ ଚୂଡ଼ାନ୍ତ କରିବା ସମୟରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ କର ଯୋଗ୍ୟ କାରବାରକୁ 70.40 କୋଟି[37] ଟଙ୍କା ସ୍ଥିର କରି 40 ଲକ୍ଷ[38] ଟଙ୍କାର ଇଟି ହିସାବ କରିଥିଲେ । କିନ୍ତୁ ବୈଧାନିକ ଫର୍ମ ପ୍ରଦାନ କରିବାରେ ବିଫଳ ହେବାରୁ ସିଏସ୍‌ଟି ନିର୍ଦ୍ଧାରଣରେ ଆନ୍ତଃରାଜ୍ୟ/ ରପ୍ତାନି/ ଶାଖା ସ୍ଥାନାନ୍ତରଣ ବିକ୍ରୟ

---

35 ସ୍ଥାନୀୟ ଅଞ୍ଚଳ ଅର୍ଥାତ୍ (i) ଓଡ଼ିଶା ମୁନିସିପାଲ ଅଧିନିୟମ, 1950 ଅଧିନରେ ଗଠିତ ମୁନିସିପାଲିଟି; (ii) ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ, 1964 ଅଧିନରେ ଗଠିତ ଗ୍ରାମ ପଞ୍ଚାୟତ; ଏବଂ (iii) ଓଡ଼ିଶା ମୁନିସିପାଲ ଅଧିନିୟମ, 1950 ର ଧାରା 4 ଅଧିନରେ ଗଠିତ ଶିଳ୍ପାଞ୍ଚଳ ମଧ୍ୟରେ ଥିବା ଅଞ୍ଚଳ ସହ କୌଣସି ନିୟମ ଅଧିନରେ ଯେକୌଣସି ନାମରେ ଗଠିତ ଅନ୍ୟାନ୍ୟ ସ୍ଥାନୀୟ କର୍ତ୍ତୃପକ୍ଷ

36 ମେସର୍ସ ୟୁନାଇଟେଡ୍ କ୍ଲୋରୋ ପାରାଭିନ୍‌ସ (ପ୍ରା) ଲିଃ, ଟିନ୍-21261908767

37 କ୍ରୟ ମୂଲ୍ୟ (କଞ୍ଚା ଦ୍ରବ୍ୟ - 61.65 କୋଟି ଟଙ୍କା + ଡ୍ରମ - 5.78 କୋଟି ଟଙ୍କା + ଯନ୍ତ୍ରପାତି - 33 ଲକ୍ଷ ଟଙ୍କା) + ରାଜ୍ୟ ଭିତରେ ସ୍ଥାନୀୟ ଅଞ୍ଚଳ ବାହାରେ ଉତ୍ପାଦିତ ଦ୍ରବ୍ୟ ବିକ୍ରି - 2.64 କୋଟି ଟଙ୍କା

38 ଏକ ପ୍ରତିଶତ ଡ୍ରମ ଗୁଡ଼ିକ ଉପରେ - 5.78 କୋଟି ଟଙ୍କା + 0.5 ପ୍ରତିଶତ କଞ୍ଚା ଦ୍ରବ୍ୟ ଉପରେ - ₹61.65 କୋଟି ଟଙ୍କା + ଦୁଇ ପ୍ରତିଶତ ଯନ୍ତ୍ରପାତି ଉପରେ -33 ଲକ୍ଷ ଟଙ୍କା + ଏକ ପ୍ରତିଶତ ରାଜ୍ୟ ଭିତରେ ସ୍ଥାନୀୟ ଅଞ୍ଚଳ ବାହାରେ ଉତ୍ପାଦିତ ଦ୍ରବ୍ୟ ବିକ୍ର - 2.64 କୋଟି ଟଙ୍କା

ପାଇଁ ଅନୁମତି ଦିଆଯାଇ ନଥିବା 19.20 କୋଟି[39] ଟଙ୍କାର ସିପିଡବ୍ଲୁ ଏବଂ ଏଚ୍‌ସିଏଲ୍ ବିକ୍ରି ମୂଲ୍ୟ ଉପରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ପ୍ରବେଶ କର ଲାଗୁ କରି ନଥିଲେ । ଯେହେତୁ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ସିପିଡବ୍ଲୁ ଓ ଏଚ୍‌ସିଏଲ୍ ବିକ୍ରି ଉପରେ ପ୍ରବେଶ କର ଲାଗୁ କରିନଥିଲେ, 19 ଲକ୍ଷ[40] ଟଙ୍କାର ଇଟି ସ୍ୱଳ୍ପାଦାୟ ହୋଇଥିଲା । ଏତଦ୍ ବ୍ୟତୀତ ନିର୍ଦ୍ଧାରିତ କରର ଦୁଇ ଗୁଣ ଅର୍ଥାତ୍ 38 ଲକ୍ଷ ଟଙ୍କା ଜୋରିମାନା ଆକାରରେ ଡିଲର ପ୍ରଦାନ କରିବାର ଥିଲା । ତେଣୁ, କର ଓ ଜରିମାନାକୁ ମିଶାଇ ମୋଟ 57 ଲକ୍ଷ ଟଙ୍କା ଅସୁଲ ହେବାର ଥିଲା ।

ଉକ୍ତ ବିଷୟରେ ସରକାରଙ୍କୁ ଅବଗତ କରାଯାଇଥିଲା (ଜୁଲାଇ 2021) । ସେମାନଙ୍କ ଉତ୍ତରକୁ ଅପେକ୍ଷା କରାଯାଇଅଛି (ସେପ୍ଟେମ୍ବର 2021) ।

2.6.2 ପ୍ରବେଶ କରର କମ୍ ଦାବି

କର ଅର୍ଥ ପ୍ରଦାନର ଅତିରିକ୍ତ ବ୍ୟବସ୍ଥିତ ଯୋଗୁଁ 33 ଲକ୍ଷ ଟଙ୍କାର ପ୍ରବେଶ କରର କମ୍ ଦାବି

ଓଇଟି ଅଧିନିୟମ, 1999 ର ଧାରା 3 (1) ଅନୁଯାୟୀ ଅନୁସୂଚିତ ଦ୍ରବ୍ୟର ସ୍ଥାନୀୟ ଅଞ୍ଚଳରେ ବ୍ୟବହାର କିମ୍ବା ବିକ୍ରି ପାଇଁ ପ୍ରବେଶ ଉପରେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ତାରିଖ ଠାରୁ ତଥା ବିଭିନ୍ନ ତାରିଖ ଓ ବିଭିନ୍ନ ସ୍ଥାନୀୟ ଅଞ୍ଚଳ ପାଇଁ ସର୍ତ୍ତ ଅନୁସାରେ ବିଭିନ୍ନ ହାରରେ ସେହି ଦ୍ରବ୍ୟର କ୍ରୟ ମୂଲ୍ୟର ଅଧିକତମ 12 ପ୍ରତିଶତ ହାରରେ କର ଲାଗୁ ଓ ସଂଗ୍ରହ କରାଯିବ ।

ନିର୍ଦ୍ଧାରଣ ନଥିପତ୍ର ଯାଞ୍ଚ କରି ସମୀକ୍ଷା ଲକ୍ଷ୍ୟ କଲା ଯେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଅନୁଗୁଳ ରେଞ୍ଜର ଏକ[41] ଡିଲରଙ୍କୁ 2012-13 ରୁ 2013-14 ଅବଧି ପାଇଁ ନିର୍ଦ୍ଧାରଣ କରିଥିଲେ (15 ମାର୍ଚ୍ଚ 2016) । ନିର୍ଦ୍ଧାରଣ କର୍ତ୍ତୃପକ୍ଷ, କରଯୋଗ୍ୟ କାରବାରକୁ 7932.11 କୋଟି[42] ଟଙ୍କା ଏବଂ 96.02 କୋଟି[43] ଟଙ୍କାର କର ସ୍ଥିର କରିଥିଲେ । 2.83 କୋଟି ଟଙ୍କାର ଇଟି ସେଟ୍ ଅଫ୍ ବ୍ୟବସ୍ଥିତ ଏବଂ 56.17 କୋଟି ଟଙ୍କା ମୂଲ୍ୟର କର ଦେୟ ପରେ ନିର୍ଦ୍ଧାରଣ କର୍ତ୍ତୃପକ୍ଷ, 37.02 କୋଟି ଟଙ୍କାର ଦାବି ଜାରି କରିଥିଲେ । କିନ୍ତୁ, ସମୀକ୍ଷା ଲକ୍ଷ୍ୟ କଲା ଯେ ପ୍ରକୃତରେ 55.84 କୋଟି ଟଙ୍କାର ଇଟି ପ୍ରଦାନ କରାଯାଇଥିଲା ଯାହାକି ବ୍ୟବସ୍ଥିତ ହେବା ଉଚିତ୍ ଥିଲା । ତେଣୁ, ନିର୍ଦ୍ଧାରଣ କର୍ତ୍ତୃପକ୍ଷ, ଅନିୟମିତ ଭାବରେ 55.84 କୋଟି ଟଙ୍କାର ପ୍ରକୃତ ଦେୟ ତୁଳନାରେ 56.17 କୋଟି ଟଙ୍କାର ଇଟି ବ୍ୟବସ୍ଥିତ କରିଥିଲେ ଯାହାଫଳରେ ଅତିରିକ୍ତ ବ୍ୟବସ୍ଥିତ ହୋଇଥିଲା ଏବଂ 33 ଲକ୍ଷ ଟଙ୍କା (56.17 କୋଟି ଟଙ୍କା - 55.84 କୋଟି ଟଙ୍କା) କମ୍ ଦାବି କରାଯାଇଥିଲା ।

ସିଟି ଏବଂ ଜିଏସ୍‌ଟି (ରାଜସ୍ୱ) ର ଅତିରିକ୍ତ କମିଶନର ଉତ୍ତରରେ ଦର୍ଶାଇଲେ (ନଭେମ୍ବର 2020) ଯେ 37.35 କୋଟି ଟଙ୍କାର ସଂଶୋଧିତ ଦାବି କରାଯାଇଅଛି ।

ଉକ୍ତ ବିଷୟରେ ଓଡ଼ିଶା ସରକାରଙ୍କୁ ଅବଗତ କରାଯାଇଥିଲା (ଜୁଲାଇ 2021) । ସେମାନଙ୍କ ଉତ୍ତରକୁ ଅପେକ୍ଷା କରାଯାଇଅଛି (ସେପ୍ଟେମ୍ବର 2021) ।

---

39 ରପ୍ତାନୀ 10.90 କୋଟି ଟଙ୍କା (2012-13 ପାଇଁ 6.69 କୋଟି ଟଙ୍କା ଏବଂ 2013-14 ପାଇଁ 4.21 କୋଟି ଟଙ୍କା) + ଶାଖା ସ୍ଥାନାନ୍ତରଣ - 6.86 କୋଟି ଟଙ୍କା (2012-13 ପାଇଁ 63 ଲକ୍ଷ ଟଙ୍କା ଏବଂ 2013-14ପାଇଁ 6.23 କୋଟି ଟଙ୍କା) + ସିଏସ୍‌ଟି ବିକ୍ରି - 1.44 କୋଟି ଟଙ୍କା (2012-13 ପାଇଁ 49 ଲକ୍ଷ ଟଙ୍କା ଏବଂ 2013-14 ପାଇଁ 95 ଲକ୍ଷ ଟଙ୍କା)

40 19.20 କୋଟି ଟଙ୍କା ଉପରେ ଏକ ପ୍ରତିଶତ

41 ମେସର୍ସ ଜିନ୍ଦଲ ଷ୍ଟୀଲ ଏବଂ ପାୱାର ଲିମିଟେଡ୍, ଟିନ୍ 21172000530

42 କ୍ରୟ ଟର୍ଣ୍ଣ ଓଭର 6490,66,99,789 ଟଙ୍କା + ବିକ୍ରୟ ଟର୍ଣ୍ଣ ଓଭର 1441,44,25,111 ଟଙ୍କା = 7932,11,24,900 ଟଙ୍କା

43 0.5 ପ୍ରତିଶତ ହାରରେ 2733,05,87,732 ଟଙ୍କା = 1366,52,939, ଏକ ପ୍ରତିଶତ ହାରରେ 2163,08,01,117 ଟଙ୍କା = 21,63,08,011 ଟଙ୍କା, ଦୁଇ ପ୍ରତିଶତ ହାରରେ 3035,97,36,080 ଟଙ୍କା = 60,71,94,722 ଟଙ୍କା । ସମୁଦାୟ ସ୍ଥିରିକୃତ କର = 96,01,55,672 ଟଙ୍କା

2.6.3 ଅନୁସୂଚିତ ଦ୍ରବ୍ୟର ବିକ୍ରି କାରବାର ଉପରେ ପ୍ରବେଶ କରର ସ୍ୱଳ୍ପାରୋପଣ

ଅନୁସୂଚିତ ଦ୍ରବ୍ୟର ବିକ୍ରି କାରବାର ଉପରେ ପ୍ରବେଶ କରର ସ୍ୱଳ୍ପାରୋପଣ ଫଳରେ 13.39 ଲକ୍ଷ ଟଙ୍କାର କର ଏବଂ ଜରିମାନା ସ୍ୱଳ୍ପାଦାୟ

ଓଇଟି ନିୟମାବଳୀ, 1999 ର ନିୟମ 19(1) ଅନୁଯାୟୀ ମୂଲ୍ୟଯୁକ୍ତ କର (ଭାଟ୍) ଅଧିନିୟମ, 2004 ଅଧିନରେ ପଞ୍ଜୀକୃତ ହୋଇଥିବା ଅନୁସୂଚିତ ଦ୍ରବ୍ୟର ଉତ୍ପାଦକ, ଶେଷ ତିଆରି ଦ୍ରବ୍ୟ ଯାହାକି ଅନୁସୂଚିତ ଦ୍ରବ୍ୟ ହୋଇଥିବ ଏବଂ ତାଙ୍କ ଦ୍ୱାରା କୌଣସି ଡିଲର କିମ୍ବା ବ୍ୟକ୍ତିଙ୍କୁ ଏହା ବିକ୍ରୟ କରାଯାଉଥିବ, ପ୍ରତ୍ୟକ୍ଷ କିମ୍ବା ମଧ୍ୟସ୍ଥି ମାଧ୍ୟମରେ କ୍ରୟ କରିଥିବା ଡିଲର କିମ୍ବା ବ୍ୟକ୍ତିଙ୍କ ଠାରୁ ଧାରା 3 ଅନୁଯାୟୀ କର ଆଦାୟ କରିବେ । ପୁନଶ୍ଚ, ଓଇଟି ଅଧିନିୟମର ଧାରା 9 C (5) ଅନୁଯାୟୀ ଉପଧାରା 3 ଏବଂ 4 ଅଧିନରେ ସମାପ୍ତ ହୋଇଥିବା ନିର୍ଦ୍ଧାରଣ ଉପରେ ନିର୍ଦ୍ଧାରିତ କରର ଦୁଇ ଗୁଣ ଜୋରିମାନା ଆକାରରେ ଲାଗୁ କରାଯିବ ।

ଓଡ଼ିଶା ମୂଲ୍ୟଯୁକ୍ତ କର (ଓଡ଼ିଶା ଭାଟ୍) ଏବଂ ଓଇଟି ନିୟମାବଳୀ, 1999 ନିର୍ଦ୍ଧାରଣ ନଥିପତ୍ର ସହ ଅନୁରୂପ ଅଡିଟ୍ ପରିଦର୍ଶନ ରିପୋର୍ଟ (ଏଭିଆର୍) କୁ ଯାଞ୍ଚ କରି ସମୀକ୍ଷା ଲକ୍ଷ୍ୟ କଲା ଯେ ଗଞ୍ଜାମ-II ମଣ୍ଡଳରେ 18 ଜଣ ଡିଲରଙ୍କ ମଧ୍ୟରୁ ଜଣେ ଡିଲରଙ୍କୁ[44] ଓଇଟି ନିୟମାବଳୀର ନିୟମ 11(5) ଅଧିନରେ 01 ଅକ୍ଟୋବର 2015 ରୁ 30 ଜୁନ୍ 2017 ଅବଧି ପାଇଁ ବିଭାଗୀୟ କର ସମୀକ୍ଷା କରାଯାଇଥିଲା । ଉକ୍ତ ଡିଲର "କୃଷି, ଉଦ୍ୟାନ କୃଷି, ଯନ୍ତ୍ରପାତି ଓ ଉପକରଣ" ର ଉତ୍ପାଦକ ଥିଲେ ଏବଂ ପ୍ରବେଶ କର ଅନୁସୂଚୀର ଭାଗ-I ର ଏଣ୍ଟ୍ରି ସଂଖ୍ୟା 37 ଅନୁଯାୟୀ ଏହି ଦ୍ରବ୍ୟ ଏକ ପ୍ରତିଶତ କରଯୋଗ୍ୟ ଥିଲା । ରାଜ୍ୟ ତଥା ଓଡ଼ିଶା ବାହାରେ ମଧ୍ୟ କ୍ରୟ କରାଯାଇଥିଲା ଏବଂ ବିକ୍ରୟ କେବଳ ଓଡ଼ିଶା ରାଜ୍ୟ ମଧ୍ୟରେ କରାଯାଇଥିଲା ।

କର ସମୀକ୍ଷା ଟିମ୍ ମୋଟ କାରବାର (ଜିଟିଓ) କୁ 3.32 କୋଟି[45] ଟଙ୍କା ଏବଂ କରଯୋଗ୍ୟ କାରବାର (ଟିଟିଓ) କୁ ଏକ କୋଟି[46] ଟଙ୍କା ସ୍ଥିର କରି ଏକ ଲକ୍ଷ[47] ଟଙ୍କାର ପ୍ରବେଶ କର ହିସାବ କରିଥିଲେ । ପୁନଶ୍ଚ, କର ସମୀକ୍ଷା ସମୟରେ ଲକ୍ଷ୍ୟ କରାଗଲା ଯେ କେବଳ କଞ୍ଚାମାଲ କ୍ରୟ ଉପରେ ଇଟି ହିସାବ କରାଯାଇଥିଲା କିନ୍ତୁ ପ୍ରସ୍ତୁତ ଦ୍ରବ୍ୟ ଉପରେ ଆଦାୟ କରାଯାଇ ନଥିଲା । ଏଭିଆର୍ ଅନୁଯାୟୀ ଡିଲରଙ୍କ ଉପରେ କୌଣସି କର ଆଦାୟ ଯୋଗ୍ୟ ନଥିବାରୁ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ମଧ୍ୟ କୌଣସି ନିର୍ଦ୍ଧାରଣ ନିର୍ଦ୍ଦେଶ ଜାରି କରିନଥିଲେ ।

ଓଡ଼ିଶା ଭାଟ ଅଧିନରେ ହୋଇଥିବା ଏଭିଆର୍ ଯାଞ୍ଚରୁ ଜଣାଗଲା ଯେ ଉକ୍ତ ଡିଲର ଭାଟ୍ ଅନ୍ତର୍ଭୁକ୍ତ କରି 4.46 କୋଟି ଟଙ୍କାର ଭାଟ ଯୋଗ୍ୟ ପ୍ରସ୍ତୁତ ଦ୍ରବ୍ୟ ବିକ୍ରୟ କରିଥିଲେ । କିନ୍ତୁ, କର ସମୀକ୍ଷା ଟିମ୍ କିମ୍ବା ନିର୍ଦ୍ଧାରଣ କର୍ତ୍ତୃପକ୍ଷ, କୌଣସି ଯଥାର୍ଥତା ଉଲ୍ଲେଖ ନକରି ସେହି ପ୍ରସ୍ତୁତ ଦ୍ରବ୍ୟର ବିକ୍ରୟ ଉପରେ ପ୍ରବେଶ କର ଆଦାୟ କରିନଥିଲେ । ଅନୁସୂଚିତ ଦ୍ରବ୍ୟର ଉତ୍ପାଦକ ଭାବରେ ଡିଲର ତାଙ୍କ ଅନୁସୂଚିତ ଦ୍ରବ୍ୟ ତଥା "କୃଷି ଓ ଉଦ୍ୟାନ କୃଷି ଯନ୍ତ୍ରପାତି ଓ ଉପକରଣ ଉପରେ ଇଟି ଦେବାର ଥିଲା ଯାହାକି ପ୍ରବେଶ କର ଅନୁସୂଚୀର ଭାଗ-I ର ଏଣ୍ଟ୍ରି ସଂଖ୍ୟା 37 ଅନୁଯାୟୀ ଏକ ପ୍ରତିଶତ କରଯୋଗ୍ୟ । ଏହାଫଳରେ, 4.46 ଲକ୍ଷ[48] ଟଙ୍କାର ପ୍ରବେଶ କର କମ୍ ଆଦାୟ ହୋଇଥିଲା । ଏତଦ୍ ବ୍ୟତୀତ, ଜୋରିମାନା ବାବଦରେ ନିର୍ଦ୍ଧାରିତ କରର ଦୁଇ ଗୁଣ ତଥା 8.92 ଲକ୍ଷ ଟଙ୍କା ଡିଲରଙ୍କ ଠାରୁ ଆଦାୟ ହେବାର ଥିଲା । ଏହିପରି ମୋଟ କର ଓ ଜୋରିମାନା 13.39 ଲକ୍ଷ[49] ଟଙ୍କା ହିସାବ କରାଯାଇଥିଲା ।

---

44 ମେସର୍ସ ସିଟ୍ ପ୍ରୋଫାଇଲ୍ କମ୍ପାନୀ, ଟିନ୍ 21091900858

45 ପଞ୍ଜୀକୃତ ଡିଲରଙ୍କ ଠାରୁ କ୍ରୟ-1.38 କୋଟି ଟଙ୍କା + ଅଣ ପଞ୍ଜୀକୃତ -99 ଲକ୍ଷ ଟଙ୍କା + ରାଜ୍ୟର ବାହର - 95 ଲକ୍ଷ ଟଙ୍କା

46 ବାହାର କ୍ରୟ ମୂଲ୍ୟ - 95 ଲକ୍ଷ ଟଙ୍କା + ପରିବହନ ଚାର୍ଜ - 5 ଲକ୍ଷ ଟଙ୍କା

47 ଏକ କୋଟି ଟଙ୍କା ଉପରେ ଏକ ପ୍ରତିଶତ

48 4,46,47,807 ଟଙ୍କା ଉପରେ ଏକ ପ୍ରତିଶତ

49 4,46,47,807 ଟଙ୍କା ର ଏକ ପ୍ରତିଶତ = 4,46,478 ଟଙ୍କା + କରର ଦୁଇ ଗୁଣା ଜରିମାନା – 8,92,956 ଟଙ୍କା = 13,39,434 ଟଙ୍କା

ସମୀକ୍ଷା ସିଦ୍ଧାନ୍ତକୁ ଗ୍ରହଣ କରି ସିଟି ଏବଂ ଜିଏସ୍‌ଟି (ରାଜସ୍ୱ ଓ ଆଇଟି)ର ସ୍ୱତନ୍ତ୍ର କମିଶନର ବ୍ୟକ୍ତ କଲେ ଯେ ଓଇଟି ଅଧିନିୟମର ଧାରା 10 ଅନୁଯାୟୀ ନିର୍ଦ୍ଧାରଣ ସମାପ୍ତ କରାଯାଇଅଛି (ଜାନୁଆରୀ 2021) ଏବଂ କର ଓ ଜୋରିମାନା ବାବଦରେ 13.39 ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଡିଲରଙ୍କୁ ଏକ ସଂଶୋଧିତ ଦାବି ଜାରି କରାଯାଇଅଛି ।

ଉକ୍ତ ବିଷୟରେ ଓଡ଼ିଶା ସରକାରଙ୍କୁ ଅବଗତ କରାଯାଇଥିଲା (ଜୁଲାଇ 2021) । ସେମାନଙ୍କ ଉତ୍ତରକୁ ଅପେକ୍ଷା କରାଯାଇଅଛି (ସେପ୍ଟେମ୍ବର 2021) ।

ଦ୍ରବ୍ୟ ଓ ସେବା କର

2.7 ଉପକ୍ରମ

ଦ୍ରବ୍ୟ ଓ ସେବାକର (ଜିଏସ୍‌ଟି) 1 ଜୁଲାଇ 2017 ଠାରୁ କାର୍ଯ୍ୟକାରୀ କରାଗଲା । ଦ୍ରବ୍ୟ ଓ ସେବା ଗୁଡ଼ିକର (ମାନବୀୟ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଆଲକହଲ ଓ ପାଞ୍ଚଗୋଟି ପେଟ୍ରୋଲିୟମ ଜାତ ଦ୍ରବ୍ୟ[50] ବ୍ୟତୀତ) ଅନ୍ତଃରାଜ୍ୟ ବିକ୍ରି ଉପରେ ପୃଥକ ଭାବେ କିନ୍ତୁ ଏକସଙ୍ଗରେ କେନ୍ଦ୍ର (ସିଜିଏସ୍‌ଟି) ଏବଂ ରାଜ୍ୟ(ଏସ୍‌ଜିଏସ୍‌ଟି)/ କେନ୍ଦ୍ରଶାସିତ ଅଞ୍ଚଳ (ୟୁଜିଏସ୍‌ଟି) ଦ୍ୱାରା ଦ୍ରବ୍ୟ ଓ ସେବା କର[51] ଲାଗୁ କରାଯାଉଅଛି । ପୁନଶ୍ଚ, ଦ୍ରବ୍ୟ ଓ ସେବା ଗୁଡ଼ିକର ଆନ୍ତଃରାଜ୍ୟ ବିକ୍ରି (ଆମଦାନୀ ସହ) ଉପରେ ଏକୀକୃତ ଦ୍ରବ୍ୟ ଓ ସେବାକର (ଆଇଜିଏସ୍‌ଟି) ଲାଗୁ କରାଯାଉଅଛି ଏବଂ ଏକୀକୃତ ଦ୍ରବ୍ୟ ଓ ସେବାକର ଲାଗୁ କରିବାର ଏକାନ୍ତ କ୍ଷମତା କେନ୍ଦ୍ର ସରକାରଙ୍କ ନିକଟରେ ରହିଛି । ଜିଏସ୍‌ଟି ଲାଗୁ ହେବା ପୂର୍ବରୁ, ଦ୍ରବ୍ୟଗୁଡ଼ିକର ଅନ୍ତଃରାଜ୍ୟ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିକ୍ରି ଉପରେ ଓଡ଼ିଶା ଭାଟ୍ ଅଧିନିୟମ, 2004 ଅନୁସାରେ ମୂଲ୍ୟଯୁକ୍ତ କର ଲାଗୁ କରାଯାଉଥିଲା ଏବଂ ଆନ୍ତଃରାଜ୍ୟ ବିକ୍ରି ଉପରେ କେନ୍ଦ୍ରୀୟ ବିକ୍ରି କର ଅଧିନିୟମ, 1956 ଅନୁସାରେ କେନ୍ଦ୍ରୀୟ ବିକ୍ରୟ କର (ସିଏସ୍‌ଟି) ଲାଗୁ କରାଯାଉଥିଲା ।

ଓଡ଼ିଶା ଭାଟ୍ ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ ନିୟନ୍ତ୍ରିତ କରିବା ପାଇଁ ରାଜ୍ୟ ସରକାର କ୍ଷମତାପନ୍ନ ଥିଲେ, ପରନ୍ତୁ ଜିଏସ୍‌ଟି ସଂପର୍କିତ ବ୍ୟବସ୍ଥା ଗୁଡ଼ିକୁ ଦ୍ରବ୍ୟ ଓ ସେବା କର ପରିଷଦ (ଜିଏସ୍‌ଟିସି)ର ସୁପାରିଶ କ୍ରମେ କେନ୍ଦ୍ର ଓ ରାଜ୍ୟ ଦ୍ୱାରା ନିୟନ୍ତ୍ରିତ କରାଯାଉଛି, ଯାହାକି ଉଭୟ କେନ୍ଦ୍ର ଓ ରାଜ୍ୟ ସମୂହର ପ୍ରତିନିଧିମାନଙ୍କୁ ନେଇ ଗଠିତ । ସମ୍ମିଳିତ ବିଭିନ୍ନ କର[52] ପରିବର୍ତ୍ତେ ଓଡ଼ିଶା ସରକାର ଓଡ଼ିଶା ଦ୍ରବ୍ୟ ଓ ସେବା କର (ଓଜିଏସ୍‌ଟି) ଅଧିନିୟମ, 2017 ଏବଂ ଓଡ଼ିଶା ଦ୍ରବ୍ୟ ଓ ସେବାକର ନିୟମାବଳୀ, 2017 ର ଅଧିସୂଚନା ଜାରି କରିଥିଲେ (ଜୁନ୍ 2017) ।

ଆଇଟି ସେବା ପ୍ରଦାନ କରିବାକୁ ଭାରତ ସରକାର ଏକ ଘରୋଇ କମ୍ପାନି ଭାବେ ଦ୍ରବ୍ୟ ଓ ସେବା କର ନେଟ୍‌ୱାର୍କ (ଜିଏସ୍‌ଟିଏନ୍) ଗଠନ କରିଥିଲେ । ଏହା କରଦାତାମାନଙ୍କୁ ଫ୍ରଣ୍ଟ ଏଣ୍ଡ ଆଇଟି ସେବା ଯଥା ପଞ୍ଜୀକରଣ, କର ପ୍ରଦାନ ଓ ରିଟର୍ଣ୍ଣ ଦାଖଲ ପ୍ରଦାନ କରିଥାଏ । ଜିଏସ୍‌ଟିଏନ୍ ଦ୍ୱାରା ଆଦର୍ଶ- II[53] ରାଜ୍ୟମାନଙ୍କୁ ବିଭିନ୍ନ ପ୍ରକାର ବ୍ୟାକ୍ ଏଣ୍ଡ ଆଇଟି ସେବା ଯଥା- ପଞ୍ଜୀକରଣ, ଅନୁମୋଦନ, କରଦାତାଙ୍କ ବିଶେଷ ଦୃଶ୍ୟପଟ୍ଟ, କର ଫେରସ୍ତ ପ୍ରକ୍ରିୟା, ଏମ୍‌ଆଇଏସ୍ ରିପୋର୍ଟ ଇତ୍ୟାଦି ପ୍ରଦାନ କରାଯାଉଛି । ଓଡ଼ିଶା ଆଦର୍ଶ-II ରାଜ୍ୟ ଅନ୍ତର୍ଭୁକ୍ତ ।

ଯେହେତୁ ଜିଏସ୍‌ଟି କାର୍ଯ୍ୟାନ୍ୱୟନ ପାଇଁ ଓଡ଼ିଶା ଆଦର୍ଶ- II ରାଜ୍ୟ ଅନ୍ତର୍ଭୁକ୍ତ ଥିଲା, ଜିଏସ୍‌ଟି ପ୍ରଶାସନ ପାଇଁ ପଞ୍ଜୀକରଣ, ରିଟର୍ଣ୍ଣ ଯାଞ୍ଚ, ସମୀକ୍ଷା, କର ନିର୍ଦ୍ଧାରଣ, ଅପିଲ୍, ପ୍ରବର୍ତ୍ତନ, ଏମ୍‌ଆଇଏସ୍ ରିପୋର୍ଟ ଇତ୍ୟାଦି ଭଳି ବ୍ୟାକ୍ ଏଣ୍ଡ ଆପ୍ଲିକେସନ ଗୁଡ଼ିକୁ ଜିଏସ୍‌ଟିଏନ୍ ଦ୍ୱାରା ବିକାଶ କରାଯାଇଥିଲା । ବିଭାଗ ଦ୍ୱାରା ପ୍ରଦତ୍ତ ସୂଚନା (ମାର୍ଚ୍ଚ 2019) ଅନୁସାରେ ଏହି ସବୁ ମଡ୍ୟୁଲ୍ ଗୁଡ଼ିକୁ ଜିଏସ୍‌ଟିଏନ୍ ଦ୍ୱାରା ବିକଶିତ କରାଯାଇଅଛି । ବ୍ୟାକ୍ ଏଣ୍ଡ ଆପ୍ଲିକେସନଗୁଡ଼ିକୁ ଆକ୍‌ସେସ୍ ସୁବିଧା ପାଇଁ ଜିଏସ୍‌ଟିଏନ୍ ଦ୍ୱାରା ସେମାନଙ୍କର ତଥ୍ୟ କେନ୍ଦ୍ରରୁ ଓଡ଼ିଶା ରାଜ୍ୟ

---

[50] କେନ୍ଦ୍ରୀୟ ଜିଏସ୍‌ଟି: ସିଜିଏସ୍‌ଟି ଏବଂ ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳ ଜିଏସ୍‌ଟି: ଏସ୍‌ଜିଏସ୍‌ଟି/ ୟୁ ଜିଏସ୍‌ଟି

[51] ପେଟ୍ରୋଲିୟମ ଜାତ : ପେଟ୍ରୋଲ, ଉଚ୍ଚ କ୍ଷମତା ଡିଜେଲ, ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ୍ ଏବଂ ଆଭିଏସନ୍ ଟର୍‌ବାଇନ୍ ଫୁଏଲ

[52] ମୂଲ୍ୟଯୁକ୍ତ କର, କେନ୍ଦ୍ରୀୟ ବିକ୍ରି କର, ପ୍ରବେଶ କର, ବିଳାସ କର ଏବଂ ଆମୋଦନ କର

[53] ଆଦର୍ଶ-I ରାଜ୍ୟ:କେତେକ ସମ୍ମୁଖ ପ୍ରାନ୍ତ ସେବା ଜିଏସ୍‌ଟିଏନ୍ ଦ୍ୱାରା ପ୍ରଦତ୍ତ, ଆଦର୍ଶ-II ରାଜ୍ୟ; ଉଭୟ ସମ୍ମୁଖ ପ୍ରାନ୍ତ ଏବଂ ପଛ ପ୍ରାନ୍ତ ସେବା ଜିଏସ୍‌ଟିଏନ୍ ଦ୍ୱାରା ପ୍ରଦତ୍ତ

ତଥ୍ୟ କେନ୍ଦ୍ରକୁ ଚୁକ୍ତିଭିତ୍ତିକ ସଂଯୋଗ ପ୍ରଦାନ କରାଯାଇଅଛି । ସମସ୍ତ କ୍ଷେତ୍ର କାର୍ଯ୍ୟାଳୟଗୁଡ଼ିକୁ ଷ୍ଟେଟ୍-ୱାଇଡ୍ ମଲ୍ଟି ପ୍ରୋଟୋକଲ ଲେଭେଲ ସିଚିଙ୍ଗ୍(ଏମ୍‌ପିଏଲ୍‌ଏସ୍) ନେଟ୍‌ୱାର୍କ ମାଧ୍ୟମରେ ସଂଯୋଗ କରାଯାଇଅଛି ।

2.7.1 ରାଜସ୍ୱର ଧାରା

ଜିଏସ୍‌ଟି ଅଧୀନରେ 2019-20 ଅବଧିରେ ମୋଟ ପ୍ରାପ୍ତି 26,967.18 କୋଟି ଟଙ୍କା ଥିଲା, ଯେଉଁଥିରେ 13,203.52 କୋଟି ଟଙ୍କାର ଏସ୍‌ଜିଏସ୍‌ଟି, ସିଜିଏସ୍‌ଟିରୁ ରାଜ୍ୟକୁ ପ୍ରଦାନ କରାଯାଇଥିବା 8,641.66 କୋଟି ଟଙ୍କା ଏବଂ 5,122 କୋଟି ଟଙ୍କାର କ୍ଷତିପୂରଣ ପ୍ରାପ୍ତି ଅନ୍ତର୍ଭୁକ୍ତ । 22,898.51 କୋଟି ଟଙ୍କା ଅସୁଲ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ରାଜ୍ୟରେ 21,845.18 କୋଟି ଟଙ୍କା ଅସୁଲ ହୋଇଥିଲା ।

2018-19 ଏବଂ 2019-20 ବର୍ଷରେ ପ୍ରକୃତ ପ୍ରାପ୍ତିର ବିବରଣ ନିମ୍ନ **ସାରଣୀ 2.2** ରେ ଦର୍ଶାଗଲା:

ସାରଣୀ 2.2: ଜିଏସ୍‌ଟି ଅଧୀନରେ ପ୍ରକୃତ ପ୍ରାପ୍ତି

(ଟଙ୍କା କୋଟିରେ)

ବର୍ଷ	ବଜେଟ ଅଟକଳ	ଜିଏସ୍‌ଟି ଅଧୀନରେ ପ୍ରାପ୍ତି	ସିଜିଏସ୍‌ଟିରୁ ରାଜ୍ୟକୁ ପ୍ରଦାନ କରାଯାଇଥିବା ଅର୍ଥ	ପ୍ରାପ୍ତ କ୍ଷତି ପୂରଣ	ଜିଏସ୍‌ଟି ଅଧୀନରେ ମୋଟ ପ୍ରାପ୍ତି
2018-19	21,901.83	11,942.59	8,725.35	4,241.08	24,909.02
2019-20	22,898.51	13,203.52	8,641.66	5,122.00	26,967.18

2.7.2 ଦ୍ରବ୍ୟ ଓ ସେବା କର ପଞ୍ଜୀକରଣ

2.7.2.1 ପାନ୍ ଇଣ୍ଡିଆ ଜିଏସ୍‌ଟି ପଞ୍ଜୀକରଣ

31 ମାର୍ଚ୍ଚ 2020 ସୁଦ୍ଧା ଜିଏସ୍‌ଟି ଅଧୀନରେ ବର୍ଗୱାରୀ ପଞ୍ଜୀକରଣ **ସାରଣୀ 2.3** ରେ ଦର୍ଶାଗଲା ।

ସାରଣୀ 2.3: ପଞ୍ଜୀକରଣର ବିବରଣ

ପଞ୍ଜୀକରଣକାରୀଙ୍କ ବର୍ଗ	ପଞ୍ଜୀକରଣ ସଂଖ୍ୟା	ମୋଟର ପ୍ରତିଶତ
ସାଧାରଣ କରଦାତା	1,77,659	90.21
କମ୍ପୋଜିସନ କରଦାତା	15,427	7.83
ସୋର୍ସରୁ କର କାଟୁଥିବା	3,357	1.70
ସୋର୍ସରୁ କର ସଂଗ୍ରହ କରୁଥିବା	124	0.06
ଇନ୍‌ପୁଟ୍ ସର୍ଭିସ୍ ଡିଷ୍ଟ୍ରିବ୍ୟୁଟର	155	0.08
ଅନ୍ୟାନ୍ୟ (କାଜୁଆଲ, ନନ୍-ରେସିଡେଣ୍ଟ କରଦାତା/ ଅନଲାଇନ୍ ସୂଚନା ଡାଟାବେସ୍ ଆକ୍‌ସେସ୍ ଏବଂ ରିଟ୍ରିଭାଲ୍ ଆକ୍‌ସେସ୍ (ଓଆଇଡିଏଆର୍)	218	0.11
ମୋଟ ପଞ୍ଜୀକରଣ	**1,96,940**	

{ଉତ୍ସ: ସିଟି ଓ ଜିଏସ୍‌ଟି (ଓଡ଼ିଶା) ର କମିଶନରଙ୍କ ଦ୍ୱାରା ପ୍ରଦତ୍ତ ସୂଚନା)}

31 ମାର୍ଚ୍ଚ 2020 ସୁଦ୍ଧା ଜିଏସ୍‌ଟି ଅଧୀନରେ 1.97 ଲକ୍ଷ ଲୋକ ପଞ୍ଜୀକୃତ ହୋଇଥିଲେ ଯେଉଁଥିରେ 90.21 ପ୍ରତିଶତ ସାଧାରଣ କର ଦାତା ଏବଂ 7.83 ପ୍ରତିଶତ କମ୍ପୋଜିସନ କରଦାତା ଥିଲେ । ସର୍ବମୋଟ ପଞ୍ଜୀକରଣ ମଧ୍ୟରୁ, ଜିଏସ୍‌ଟି ପୂର୍ବବର୍ତ୍ତୀ ସମୟର 1,34,183 ଜଣ କରଦାତା ମାଇଗ୍ରେଟ କରିଥିଲେ ଯାହାକି 68.13 ପ୍ରତିଶତ ଥିଲା ଏବଂ ବଳକା ଥିଲେ ନୂତନ ପଞ୍ଜୀକରଣ ।

2.7.3 ଜିଏସ୍‌ଟି ରିଟର୍ଣ୍ଣ ଦାଖଲ ପ୍ରକ୍ରିୟା

କେନ୍ଦ୍ରୀୟ ଦ୍ରବ୍ୟ ଓ ସେବା କର ଅଧିନିୟମ 2017 ଅନୁଯାୟୀ ବିକ୍ରେତାଙ୍କ ଦ୍ୱାରା କରଯୋଗ୍ୟ ଦ୍ରବ୍ୟ/ ସେବାର ବିକ୍ରିର ସବିଶେଷ ତଥ୍ୟ ଜିଏସ୍‌ଟିଆର୍-1 ରେ ଦାଖଲ କରିବେ । ଜିଏସ୍‌ଟିଆର୍ 3ବି ହେଉଛି ଦ୍ରବ୍ୟର ଇନ୍‌ୱାର୍ଡ ଏବଂ ଆଉଟ୍‌ୱାର୍ଡ ବିକ୍ରିର ଏକ ଏକତ୍ରିତ ସାରାଂଶ ଯାହା ପଞ୍ଜୀକୃତ ବ୍ୟକ୍ତିଙ୍କ ଦ୍ୱାରା ମାସିକ ପ୍ରଦାନ କରାଯିବା ଆବଶ୍ୟକ । କମ୍ପୋଜିସନ ଯୋଜନାରେ ଥିବା ବିକ୍ରେତା ତ୍ରୟୋମାସିକ ବିବରଣ ଓ ବାର୍ଷିକ ରିଟର୍ଣ୍ଣ ଜିଏସ୍‌ଟିଆର୍-4 ରେ ଦାଖଲ କରିବେ । ନନ୍ ରେସିଡେଣ୍ଟ କରଦାତା ଜିଏସ୍‌ଟିଆର୍-5 ରେ ମାସିକ ରିଟର୍ଣ୍ଣ ଦାଖଲ କରିବେ । ସେହିପରି, ଇନ୍‌ପୁଟ୍ ସର୍ଭିସ୍ ଡିଷ୍ଟ୍ରିବ୍ୟୁଟର ଜିଏସ୍‌ଟିଆର୍-6 ରେ ମାସିକ ରିଟର୍ଣ୍ଣ ଦାଖଲ କରିବେ ।

ସିଟି ଓ ଜିଏସ୍‌ଟି(ଓଡ଼ିଶା) ର କମିଶନରଙ୍କ ଦ୍ୱାରା ପ୍ରଦତ୍ତ ସୂଚନା ଅନୁଯାୟୀ ଜିଏସ୍‌ଟିଆର୍-1, ଜିଏସ୍‌ଟିଆର୍-4, ଜିଏସ୍‌ଟିଆର୍-5 ଏବଂ ଜିଏସ୍‌ଟିଆର୍-6 ରେ ଦାଖଲ ସ୍ଥିତି ସମ୍ବଳିତ ସୂଚନା ତାଙ୍କ ନିକଟରେ ଉପଲବ୍ଧ ନଥିଲା କାରଣ ଆଦର୍ଶ II ରାଜ୍ୟ (ଯାହାକୁ ଆଧାର କରି ରିଟର୍ଣ୍ଣ ଦାଖଲ ସ୍ଥିତି ବାହାର କରାଯାଇଥାଏ) ମାନଙ୍କ ସହ ଜିଏସ୍‌ଟିଏନ୍ ଦ୍ୱାରା ସେୟାର କରାଯାଉଥିବା ଡାଟା ଡମ୍ପ କେବଳ ଜିଏସ୍‌ଟିଆର୍ 3ବି ସମ୍ପର୍କିତ ଥିଲା । ତଦନୁଯାୟୀ, ଜିଏସ୍‌ଟିଆର୍ 3ବି ର ସବିଶେଷ ବିବରଣୀ ନିମ୍ନଲିଖିତ ପରିଚ୍ଛେଦରେ ବର୍ଣ୍ଣନା କରାଗଲା ।

2.7.3.1 ଜିଏସ୍‌ଟିଆର୍ 3ବି ଦାଖଲ ପ୍ରକ୍ରିୟା

ଅପ୍ରେଲ 2019 ରୁ ମାର୍ଚ୍ଚ 2020 ପର୍ଯ୍ୟନ୍ତ ଜିଏସ୍‌ଟିଆର୍ 3ବି ଦାଖଲ କରିବାରଧାରା, ଜିଏସ୍‌ଟିଏନ୍ ଦ୍ୱାରା ସେୟାର ହୋଇଥିବା ସାରାଂଶ ରିପୋର୍ଟରୁ ସଂକଳିତ ହୋଇ **ସାରଣୀ 2.4** ରେ ଦର୍ଶାଯାଇଅଛି ।

ସାରଣୀ 2.4: ଜିଏସ୍‌ଟିଆର୍ 3 ବି ଦାଖଲ ପ୍ରକ୍ରିୟା

ଦାଖଲ ପ୍ରକାର	ଜିଏସ୍‌ଟିଆର୍ 3ବି				
ମାସ	ଦାଖଲ ହେବାକୁ ଥିଲା	ଏହି ମାସରେ ଦାଖଲ ହୋଇଥିବା ରିଟର୍ଣ୍ଣ	ରିଟର୍ଣ୍ଣ ଦାଖଲ ପ୍ରତିଶତ	ଧାର୍ଯ୍ୟ ତାରିଖ ସୁଦ୍ଧା ହୋଇଥିବା ରିଟର୍ଣ୍ଣ ଦାଖଲ	ଧାର୍ଯ୍ୟ ତାରିଖ ସୁଦ୍ଧା ହୋଇଥିବା ରିଟର୍ଣ୍ଣ ଦାଖଲର ପ୍ରତିଶତ
ଅପ୍ରେଲ 2019	236523	179287	75.80	91570	38.72
ମଇ 2019	238939	186214	77.93	149837	62.71
ଜୁନ୍ 2019	240763	186662	77.53	155179	64.45
ଜୁଲାଇ 2019	216984	188197	86.73	158629	73.11
ଅଗଷ୍ଟ 2019	218749	189623	86.69	160058	73.17
ସେପ୍ଟେମ୍ବର 2019	221961	191147	86.12	158674	71.49
ଅକ୍ଟୋବର 2019	213374	190618	89.34	164555	77.12
ନଭେମ୍ବର 2019	218195	193947	88.89	174319	79.89
ଡିସେମ୍ବର 2019	218677	194932	89.14	177521	81.18
ଜାନୁଆରୀ 2020	221409	191187	86.35	178905	80.80
ଫେବୃଆରୀ 2020	223513	165953	74.25	165953	74.25
ମାର୍ଚ୍ଚ 2020	225717	0	0	28381	12.57

(ଉତ୍ସ: ଜିଏସ୍‌ଟିଏନ୍ ଦ୍ୱାରା ପ୍ରଦାନ କରାଯାଇଥିବା 3ବି ଡାଟା ଡମ୍ପ ଆଧାରରେ ସିଟି ଓ ଜିଏସ୍‌ଟି (ଓଡ଼ିଶା) ର କମିଶନରଙ୍କ ଦ୍ୱାରା ପ୍ରଦତ୍ତ ସୂଚନା)

ଅପ୍ରେଲ 2019 ରେ ଜିଏସ୍‌ଟିଆର୍ 3ବି ଦାଖଲ 75.80 ପ୍ରତିଶତ ଥିଲା ଏବଂ ଅକ୍ଟୋବର 2019 ରେ 89.34 ପ୍ରତିଶତକୁ ବୃଦ୍ଧି ପାଇ ଫେବୃଆରୀ 2020 ରେ ପୁନର୍ବାର 74.25 ପ୍ରତିଶତକୁ ଖସି ଆସିଥିଲା । ହାରାହାରି 65.78 ପ୍ରତିଶତ ଧାର୍ଯ୍ୟ ସମୟ ମଧ୍ୟରେ ଜିଏସ୍‌ଟିଆର୍ 3ବି ରିଟର୍ଣ୍ଣ ଦାଖଲ କରାଯାଉଥିବା ଲକ୍ଷ୍ୟ କରାଯାଇଥିଲା । ଧାର୍ଯ୍ୟ ସମୟ ମଧ୍ୟରେ ଦାଖଲ ହୋଇଥିବା ଜିଏସ୍‌ଟିଆର୍ 3ବି ରିଟର୍ଣ୍ଣ, ଅପ୍ରେଲ 2019 ରୁ ମାର୍ଚ୍ଚ 2020 ଅବଧିରେ

12.57 ପ୍ରତିଶତରୁ 81.18 ପ୍ରତିଶତ ମଧ୍ୟରେ ଥିଲା । ତେଣୁ, ସମୟ ଅତିବାହିତ ହେବା ସହିତ ସାଷ୍ଟମ ସ୍ଥିର ହୋଇଥିବାରୁ ଅନୁପାଳନରେ ଉନ୍ନତି ଆସିବା ଆଶା କରାଯାଉଥିବା ବେଳେ ଏହା ଦେଖାଗଲା ଯେ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଜିଏସ୍‌ଟିଆର୍ 3ବି ଦାଖଲରେ ଜାନୁଆରୀ 2020 ପର୍ଯ୍ୟନ୍ତ ଉଲ୍ଲେଖନୀୟ ଉନ୍ନତି ଘଟିଛି, ଏହା ଫେବୃଆରୀ 2020 ଠାରୁ ପୁନଶ୍ଚ ନିମ୍ନମୁହାଁ ହୋଇଅଛି ।

ଚାର୍ଟ ସଂଖ୍ୟା 1: ଅପ୍ରେଲ 2019 ଠାରୁ ମାର୍ଚ୍ଚ 2020 ମଧ୍ୟରେ ଜିଏସଟିଆର-3 ବି ଦାଖଲ



2.7.4 ସମ୍ମିଳିତ ଅଧିନିୟମ ଅଧିନରେ ପଡ଼ିରହିଥିବା କର ନିର୍ଦ୍ଧାରଣ

ଓଭାଟ୍ ଅଧିନିୟମ, 2005 ର ବ୍ୟବସ୍ଥା ଅନୁଯାୟୀ, ପ୍ରତ୍ୟେକ ବ୍ୟବସାୟୀଙ୍କର ରିଟର୍ଣ୍ଣ ଦାଖଲ କରିବାର ତାରିଖ ଠାରୁ ସାତ ବର୍ଷ ମଧ୍ୟରେ କର ନିର୍ଦ୍ଧାରଣ କରା ନ ଯାଏ, ତାହେଲେ ବ୍ୟବସାୟୀଙ୍କର ରିଟର୍ଣ୍ଣ ଦାଖଲକୁ ଭିତ୍ତି କରି କର ନିର୍ଦ୍ଧାରଣ କରାଯାଇଛି ବୋଲି ବିବେଚନା କରାଯାଏ । କେନ୍ଦ୍ରୀୟ ବିକ୍ରୟ କର ଅଧିନରେ କର ନିର୍ଦ୍ଧାରଣ ପାଞ୍ଚ ବର୍ଷ ମଧ୍ୟରେ ସମାପ୍ତ କରାଯିବା ଉଚିତ୍ ।

ବାଣିଜ୍ୟ କର ଏବଂ ଜିଏସ୍‌ଟି କମିଶନରଙ୍କ ପ୍ରଦତ୍ତ ସୂଚନା (ଡିସେମ୍ବର 2020) ଅନୁଯାୟୀ ସମ୍ମିଳିତ ଅଧିନିୟମ ଅଧିନରେ 2,259 ଟି କର ନିର୍ଦ୍ଧାରଣ ବର୍ଷ 2019-20 ଶେଷ ସୁଦ୍ଧା ପଡ଼ି ରହିଥିଲା । ସବିଶେଷ ତଥ୍ୟ ନିମ୍ନରେ **ସାରଣୀ 2.5** ରେ ପ୍ରଦତ୍ତ ହେଲା ।

ସାରଣୀ 2.5: ସମ୍ମିଳିତ ଅଧିନିୟମ ଅଧିନରେ ପଡ଼ିରହିଥିବା ନିର୍ଦ୍ଧାରଣ

ରାଜସ୍ୱ ଶୀର୍ଷ	ପ୍ରାରମ୍ଭିକ ଜମା	2019-20 ରେ ଯୋଗ	ମୋଟ ବାକିଥିବା ନିର୍ଦ୍ଧାରଣ ସଂଖ୍ୟା	2019-20 ମଧ୍ୟରେ ମୀମାଂସା କରିଥିବା ମାମଲା	ବର୍ଷ ଶେଷରେ ଅନ୍ତିମ ଅବଶେଷ	ଫଏସଲାର ପ୍ରତିଶତ
0005- କେନ୍ଦ୍ରୀୟ ଦ୍ରବ୍ୟ ଓ ସେବା କର, 0006- ରାଜ୍ୟ ଦ୍ରବ୍ୟ ଓ ସେବା କର ଏବଂ 0008- ଏକୀକୃତ ଦ୍ରବ୍ୟ ଓ ସେବା କର	0	1,764	1,764	1,128	636	63.95
0040- ବିକ୍ରୟ, ବାଣିଜ୍ୟ କର ଇତ୍ୟାଦି (ଓଭାଟ୍, ସିଏସ୍‌ଟିକୁ ମିଶାଇ)	2,130	474	2,604	1,020	1,584	39.17
0042- ଦ୍ରବ୍ୟ ଓ ଯାତ୍ରୀ ଉପରେ କର (ପ୍ରବେଶ କରକୁ ମିଶାଇ)	306	143	449	410	39	91.31
ମୋଟ	**2,436**	**2,381**	**4,817**	**2,558**	**2,259**	**53.10**

(ଉତ୍ସ: ବାଣିଜ୍ୟ କର ଓ ଦ୍ରବ୍ୟ ସେବା କର କମିଶନର)

ଉପରୋକ୍ତ **ସାରଣୀ 2.5** ରୁ ଦେଖାଗଲା ଯେ ଜିଏସ୍‌ଟି, ଓଡ଼ିଶା ଭାଟ୍/ ସିଏସ୍‌ଟି ଏବଂ ଓଇଟି ଅଧିନରେ ମାମଲା ଗୁଡ଼ିକର ନିର୍ଦ୍ଧାରଣ ଫଏସଲା, ପଡ଼ିରହିଥିବା ମୋଟ ନିର୍ଦ୍ଧାରଣର ଯଥାକ୍ରମେ 63.95 ପ୍ରତିଶତ, 39.17 ପ୍ରତିଶତ ଏବଂ 91.31 ପ୍ରତିଶତ ଥିଲା ।

ଏହା ସୁଚିତ କଲା ଯେ, 31 ଅକ୍ଟୋବର 2018 ସୁଦ୍ଧା କର ନିର୍ଦ୍ଧାରଣ ସମ୍ପୂର୍ଣ୍ଣ କରିବା ସକାଶେ ଧାର୍ଯ୍ୟ ଲକ୍ଷ୍ୟ[54] କରାଯାଇ ଥିଲେ ସୁଦ୍ଧା ଲକ୍ଷ୍ୟ ହାସଲ କରିବାରେ ବିଭାଗ ପ୍ରଭାବି ପଦକ୍ଷେପ ନେଇ ନଥିଲା ।

2.7.5 ଅମୀମାଂସିତ କର ଫେରସ୍ତ ମାମଲା

ଓଡ଼ିଶା ଜିଏସ୍‌ଟି ଅଧିନିୟମ, 2017 ଧାରା 54 ଅନୁଯାୟୀ ଜଣେ ବ୍ୟକ୍ତି ପୈଠ କରିଥିବା କର ଏବଂ ତଦୁପରି ପ୍ରଦତ୍ତ ସୁଧ ଫେରସ୍ତ ପାଇଁ ବିହିତ ହୋଇଥିବା ନିର୍ଦ୍ଦିଷ୍ଟ ଫର୍ମ ଓ ପଦ୍ଧତିରେ ପ୍ରଯୁଜ୍ୟ ତାରିଖର ଦୁଇ ବର୍ଷ ଶେଷ ହେବା ପୂର୍ବରୁ ଆବେଦନ କରିପାରିବେ ।

ଦ୍ରବ୍ୟ ଓ ସେବା କର ଅଧିନିୟମ, 2017 ର ଧାରା 142 (3) ଅନୁଯାୟୀ ପୈଠ ହୋଇଥିବା ନିବେଶ କର ଜମା, କର, ସୁଧ ଏବଂ ଅନ୍ୟ କୌଣସି ପରିମାଣ କର ପଇଠର ଫେରସ୍ତ ପାଇଁ ଯଦି କୌଣସି ବ୍ୟବସାୟୀ ଜିଏସ୍‌ଟି ନିୟମ ପ୍ରଣୟନ ତାରିଖ ପୂର୍ବରୁ କିମ୍ବା ପରେ ଦାବି ଉପସ୍ଥାପନ କରିଥାନ୍ତି, ତାହା ପ୍ରଚଳିତ ନିୟମର ବ୍ୟବସ୍ଥା ଅନୁସାରେ ଫଏସଲା କରାଯିବ ଏବଂ ପରିଶେଷରେ ଅର୍ଥ ଫେରସ୍ତ ହେଲେ ତାଙ୍କୁ ସେହି ନିୟମର ବ୍ୟବସ୍ଥା ଅନୁସାରେ ନଗଦ ଟଙ୍କା ଆକାରରେ ଫେରସ୍ତ ଦିଆଯିବ ।

ବାଣିଜ୍ୟ କର ଓ ଦ୍ରବ୍ୟ ଓ ସେବା କର କମିଶନର, ଓଡ଼ିଶାଙ୍କର ତଥ୍ୟ (ଅକ୍ଟୋବର 2020) ଅନୁଯାୟୀ 653.68 କୋଟି ଟଙ୍କାର 3,122 ଟି ଆବେଦନ ମାର୍ଚ୍ଚ 2020 ସୁଦ୍ଧା ପ୍ରାପ୍ତ ହୋଇଥିଲା । ସେଥି ମଧ୍ୟରୁ 304.58 କୋଟି ଟଙ୍କା ଜଡ଼ିତ ଥିବା 1,835 ଆବେଦନର ଫଏସଲା କରାଯାଇଥିଲା ଯାହାକି **ସାରଣୀ 2.6** ରେ ଦର୍ଶାଗଲା ।

ସାରଣୀ 2.6 : ଅମୀମାଂସିତ କର ଫେରସ୍ତ ମାମଲା

(ଟଙ୍କା କୋଟି ଆକାରରେ)

କ୍ର.ସଂ.	ସବିଶେଷ ବିବରଣୀ	ଜିଏସ୍‌ଟି/ବିକ୍ରୟ କର/ ଭ୍ୟାଟ		ପ୍ରବେଶ କର	
		ମାମଲା ସଂଖ୍ୟା	ରାଶି	ମାମଲା ସଂଖ୍ୟା	ରାଶି
1	ବର୍ଷ ଆରମ୍ଭରେ ବାକି ଥିବା ଦାବି	308	58.91	56	14.20
2	ବର୍ଷ ମଧ୍ୟରେ ଗ୍ରହଣ ହୋଇଥିବା ଦାବି	2,663	570.51	95	10.06
	ମୋଟ (1+2)	**2,971**	**629.42**	**151**	**24.26**
3	ବର୍ଷ ମଧ୍ୟରେ ହୋଇଥିବା ଅର୍ଥ ଫେରସ୍ତ				
	(କ) ମଞ୍ଜୁର ହୋଇଥିବା ଅର୍ଥ ଫେରସ୍ତ	1,744	289.03	91	15.55
	(ଖ) ଖାରଜ/ ବ୍ୟବସ୍ଥିତ ହୋଇଥିବା ଅର୍ଥ ଫେରସ୍ତ	1,030	249.05	48	2.27
	ମୋଟ (କ + ଖ)	**2,774**	**538.08**	**139**	**17.82**
4	ବର୍ଷ ଶେଷରେ ଅନ୍ତିମ ଅବଶେଷ	197	91.34	12	6.44

(ଉତ୍ସ: ବାଣିଜ୍ୟ କର ଓ ଦ୍ରବ୍ୟ ସେବା କର କମିଶନର)

ଉପରୋକ୍ତ ସାରଣୀରୁ ଏହା ଲକ୍ଷ୍ୟ କରାଯାଇପାରେ ଯେ 58.78 ପ୍ରତିଶତ ମାମଲା ଫଏସଲା କରାଯାଇଥିଲା ଏବଂ 34.53 ପ୍ରତିଶତ ମାମଲା ଖାରଜ କରାଯାଇଥିଲା । 97.78 କୋଟି ଟଙ୍କା ସମ୍ବଳିତ 209 ଟି ମାମଲା ପଡ଼ି ରହିଥିଲା ।

[54] ପରିପତ୍ର ସଂଖ୍ୟା 45831 ସିଟି/ ତା 20-03-2018

2.7.6 ଜିଏସ୍‌ଟି ତଥ୍ୟ ଆଦାନ ପ୍ରଦାନ କରିବାର ସ୍ଥିତି

ଓଡ଼ିଶା ଆଦର୍ଶ-II ରାଜ୍ୟ ହୋଇଥିବା ହେତୁ ଜିଏସ୍‌ଟି ତଥ୍ୟର ଆକ୍‌ସେସ୍ ଜିଏସ୍‌ଟି ନେଟ୍ ୱାର୍କ ଦ୍ୱାରା ହୋଇଥାଏ । ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବା କର କମିଶନରଙ୍କ ଅଧିନରେ ଥିବା ସମସ୍ତ ରେଞ୍ଜ/ ମଣ୍ଡଳ କାର୍ଯ୍ୟାଳୟ ରାଜ୍ୟ ଏମ୍‌ପିଏଲ୍‌ଏସ୍ ନେଟ୍‌ୱାର୍କ ମାଧମରେ ଓଡ଼ିଶା ରାଜ୍ୟ ତଥ୍ୟ କେନ୍ଦ୍ରସହ ସଂଯୋଗ ହୋଇଛି । ସମୀକ୍ଷା ଯାଞ୍ଚ ଅର୍ଥାତ୍ ରିଟର୍ଣ୍ଣ ଯାଞ୍ଚ, କମ୍ପୋଜିଟ୍ କର ବସାଣ ବ୍ୟବସାୟୀମାନଙ୍କ ପୁଙ୍ଖାନୁପୁଙ୍ଖ ବିବରଣ, କର ଦେୟ ବିବରଣ, ବ୍ୟବସାୟୀମାନଙ୍କ ଦ୍ୱାରା ଆଇଟିସି ଦାବି ତଥ୍ୟ ବିଶ୍ଳେଷଣ ଆବଶ୍ୟକ କରେ । ସମୀକ୍ଷାକୁ ସୁବିଧା କରିବା ପାଇଁ, ଜିଏସ୍‌ଟି ପରିଷଦ, ୟୁଜର ଆଇଡି ସୃଷ୍ଟି କରିବା ପାଇଁ ଏବଂ ମହାଲେଖାକାର କାର୍ଯ୍ୟାଳୟର ସମୀକ୍ଷକମାନଙ୍କ ପାଇଁ ଜିଏସ୍‌ଟି ବ୍ୟାକ୍ ଅଫିସ୍ ଆପ୍ଲିକେସନରେ ବିଭିନ୍ନ ଭୂମିକା ନ୍ୟସ୍ତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ, ଜିଏସ୍‌ଟିଏନ୍ ଦ୍ୱାରା, ଜିଏସ୍‌ଟି ବ୍ୟାକ୍ ଅଫିସରେ ଆବଶ୍ୟକୀୟ ପ୍ରକ୍ରିୟା ଆରମ୍ଭ ହୋଇଯାଇଅଛି । ତଦନୁସାରେ, ସମୀକ୍ଷକଙ୍କୁ ନିର୍ଦ୍ଦିଷ୍ଟ ଭୂମିକା ଅର୍ଥାତ୍ 'ସିଏଜି ଅଡିଟରସ୍' ନ୍ୟସ୍ତ କରାଯାଇଅଛି ଯଦ୍ୱାରା ସେମାନେ ଜିଏସ୍‌ଟି ବ୍ୟାକ୍ ଅଫିସରେ ସମସ୍ତ ନଥି ଦେଖିପାରିବେ । ଏହିପରି ୟୁଜର ଆଇଡି ଏବଂ ମହାଲେଖାକାରଙ୍କ କାର୍ଯ୍ୟାଳୟର ସମୀକ୍ଷକଙ୍କୁ ନିର୍ଦ୍ଦିଷ୍ଟ ଭୂମିକା, ସିଟି ଏବଂ ଜିଏସ୍‌ଟି (ଓଡ଼ିଶା) ନିର୍ଦ୍ଦେଶାଳୟରେ ରାଜ୍ୟ ପ୍ରଶାସକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ସାରିଅଛି ।

***ସୁପାରିଶ:* *ଯେହେତୁ ଜିଏସ୍‌ଟିଆର୍ 3 ବି ହେଉଛି ଦ୍ରବ୍ୟର ଇନ୍‌ୱାର୍ଡ ଓ ଆଉଟ୍‌ୱାର୍ଡ ବିକ୍ରିର ଏକ ଏକିକୃତ ସାରାଂଶ, ଜିଏସ୍‌ଟିଆର୍-1 ତଥ୍ୟ ଉପଲବ୍ଧ ନ ଥିବା ସୂଚାଏ ଯେ ବିକ୍ରେତାଙ୍କ ଦ୍ୱାରା ଦାଖଲ ହୋଇଥିବା ସମ୍ପୂର୍ଣ୍ଣ ଇନ୍‌ଭଏସ୍ ସ୍ତରୀୟ ବିବରଣୀ ବିଭାଗ ନିକଟରେ ଉପଲବ୍ଧ ନଥିଲା ଯାହାକି ଜିଏସ୍‌ଟିଆର୍ 3 ବି ରେ ପ୍ରଦତ୍ତ ସୂଚନାକୁ ଯାଞ୍ଚ ପାଇଁ ବ୍ୟବହାର କରାଯାଇଥାନ୍ତା କିମ୍ବା ସର୍ବମୋଟ କାରବାର ନିର୍ଣ୍ଣୟ କରାଯାଇଥାନ୍ତା । ଜିଏସ୍‌ଟିଆର୍-1 ଦାଖଲ ବାଧ୍ୟତାମୂଳକ ହୋଇଥିବାରୁ, ସେହି ସମ୍ପର୍କିତ ତଥ୍ୟ ଉପଲବ୍ଧ ନଥିବା ଏକ ଚିନ୍ତାଜନକ ବିଷୟ ଏବଂ ଏହାର ସମାଧାନ ହେବା ଆବଶ୍ୟକ ।*